## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

**ରାଉରକେଲା ଅଫିସ,୬।୭:** ଜଲଦା ଫାଣ୍ଡି ଅନ୍ତର୍ଗତ ମୁଣ୍ଡା ବସ୍ତି ଅଞ୍ଚଳରେ ବାସ କରୁଥିବା ଜଣେ ଯୁବକ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ହେଲେ ପୁରନ ତିର୍କୀ(୨୫)। ସୂଚନାଯୋଗ୍ୟ, ପୁରନ ବୁଧବାର ସକାଳ ସାଢ଼େ ୧୧ଟାରେ ଘର ପାଖରେ ଥିବା ପୋଖରୀକୁ ଗାଧୋଇ ଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ କୌଣସି କାରଣରୁ ଖସି ଯାଇଥିଲା। ଫଳରେ ସେ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ମୃତଦେହ ଉଦ୍ଧାର କରି ଆର୍‌ଜିଏଚ୍‌କୁ ଆଣିଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ମର୍ଗ ହାଉସ୍‌ରେ ରଖି ଘଟଣାର ତଦନ୍ତ ଚଳାଇଛି।

### ଫେକ୍‌କଲ ମାଧ୍ୟମରେ ଲୁଟିନେଲେ ୨୫ ହଜାର

**ରାଉରକେଲା ଅଫିସ, ୬।୭:** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ନୟାବଜାର ଅଞ୍ଚଳରେ ବାସ କରୁଥିବା ଜଣେ ବ୍ୟକ୍ତିଙ୍କଠାରୁ ଫେକ୍‌କଲ ମାଧ୍ୟମରେ ୨୫ହଜାର ୧୨୭ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ନୟାବଜାର ଅଞ୍ଚଳରେ ପ୍ରମୋଦ କୁମାର ଜେନା ପରିବାର ସହ ବାସ କରନ୍ତି। ଗତ ୩୦ ତାରିଖ ତାଙ୍କ ମୋବାଇଲକୁ ଏକ ଫୋନ ଆସିଥିଲା। ଉକ୍ତ ଫୋନରେ ତାଙ୍କର କେୱାଇସି ଅପ୍‌ଡେଟ୍ ପାଇଁ ଏକ ଓଟିପି ଆସିବାକୁ ନେଇ ସେ ତାଙ୍କର ଓଟିପିକୁ ଫେକ୍‌କଲକାରୀଙ୍କୁ ପ୍ରଦାନ କରି ଦେଇଥିଲେ। ପରେ ତାଙ୍କ ଏସ୍‌ବିଆଇ ଆକାଉଣ୍ଟରରୁ ୨୫ ହଜାର ୧୨୭ ଟଙ୍କା ଗାଏବ ହୋଇ ଯାଇଥିଲା। ଏନେଇ ସେ ଥାନା ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ପ୍ରସନ୍ନ ଦେହୁରୀ କଂସର ସେବା ସମବାୟ ସମିତିର ସଭାପତି ନିର୍ବାଚିତ



**ଦେବଗଡ଼,୬।୭(ଡି.ଏନ୍.ଏ.):** ମଙ୍ଗଳବାର ତିଲେଇବଣି ବ୍ଲକ କଂସର ସେବା ସମବାୟ ସମିତିର ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମାଳିଚୂଆ ଗ୍ରାମର ପ୍ରସନ୍ନ କୁମାର ଦେହୁରୀ ତାଙ୍କର ପ୍ରତିଦ୍ୱନ୍ଦୀ କଂସର ଗ୍ରାମର ପୁରୁଷୋତ୍ତମ ସାହୁଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ମୋଟ ୧୫ଜଣ ଭୋଟରଙ୍କ ମଧ୍ୟରୁ ୧୩ ଭୋଟର ମତଦାନ କରିଥିଲେ। ପ୍ରସନ୍ନ ଦେହୁରୀଙ୍କୁ ୮ଟି ଏବଂ ପୁରୁଷୋତ୍ତମଙ୍କୁ ୫ଟି ଭୋଟ ମିଳିଥିବା ଜଣାପଡିଛି ।

# ରାଉରକେଲାରେ ଜିଏସ୍‌ଟି ଚଢ଼ାଉ: ୫ ଗିରଫ

ରାଉରକେଲା ଅଫିସ, ୬।୭

ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୱିଙ୍ଗ ରାଉରକେଲାର ୨୪ଟି ଠକ ସଂସ୍ଥା ଉପରେ ବୁଧବାର ଚଢ଼ାଉ କରିଛି। ୧୭୧୭.୯୧ କୋଟି ଟଙ୍କାର ମିଛ ବିଲ୍ ଓ ନକଲି ଇନ୍‌ପୁଟ୍ ଟ୍ୟାକ୍ସର କ୍ରେଡିଟ ମାଧ୍ୟମରେ ଠକେଇ କରୁଥିବା ରାକେଟ୍‌ର ୫ଜଣ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରାଯାଇଛି। ରାଜ୍ୟ ଜିଏସ୍‌ଟି ବିଭାଗର ୪୮ଜଣ ଟିକସ ଅଧିକାରୀଙ୍କୁ ନେଇ ଗଠିତ ୧୨ଟି ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ। ଗିରଫ ଅଭିଯୁକ୍ତ ହେଲେ ରାଉରକେଲାର ଧନୱାନ ସ, ରାମ ଭରୋଷେ, ମନୋଜ କୁମାର ପାଣ୍ଡେ, ନିକୁ ସିଂ ଓରଫ ଛତର ସିଂ। ଅନ୍ୟ ଜଣେ ଅଭିଯୁକ୍ତ ସୁନ୍ଦରଗଡ଼ ବଡଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମର ସୁବାସ କାଣ୍ଡୁଲାନା ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଧନୱାନ, ରାମ ଭରୋଷେ ଓ ମନୋଜ ରାଉରକେଲାର ୩ଟି ସ୍ଥାନରେ ମେସର୍ସ ସ୍ୱସ୍ତିକ ଇନ୍‌ଗଟ ପ୍ରାଇଭେଟ ଲିମିଟେଡ, ମେସର୍ସ ସୁନୟନା ଇନ୍‌ଗଟ ପ୍ରାଇଭେଟ ଲିମିଟେଡ ଓ ମେସର୍ସ ସାଇରାମ ଇନ୍‌ଗଟ ପ୍ରାଇଭେଟ ଲିମିଟେଡ୍ ନାମରେ ଠକ କମ୍ପାନୀ ତିଆରି କରି ନିର୍ଦ୍ଦେଶକ ଭାବେ ଡିଏସ୍‌ଟି ଠକୁ ଥିଲେ। ସେହିଭଳି ସୁବାସଙ୍କ ବଡ଼ଗାଁରେ ସୁବାସ ଟ୍ରେଡସ୍ ପାଇଭେଟ ଲିମିଟେଡ ନାମରେ ଏକ ଠକ କମ୍ପାନୀ ଥିବାବେଳେ ତାଙ୍କର ସହଯୋଗୀ ଭାବେ ନିକୁ କାର୍ଯ୍ୟ କରୁଥିଲା। ଏହି ସମସ୍ତ ଅଭିଯୁକ୍ତଙ୍କ ପାଖରୁ ୧୭୧୭.୯୧ କୋଟି ଟଙ୍କାର ଜାଲ୍ ବିଲ୍ ବଳରେ ୩୧୧.୦୩ କୋଟି ଟଙ୍କାର ଜାଲ ଆଇଟିସି ଆତ୍ମସାତ ଓ ହସ୍ତାନ୍ତର କରିଥିବା ଅଭିଯୋଗରେ ପୋଲିସ ଗିରଫ କରିଛି। ଜିଏସ୍‌ଟି ଆଇନଧାରା ୧୩୨(୧)(ଖ) (ଗ)ଓ୧୩୨(୫)ରେ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଉପରୋକ୍ତ ଅଭିଯୁକ୍ତ ନିଜ କମ୍ପାନୀ ବ୍ୟତୀତ ୨୩ଟି ଅନ୍ୟ ଜାଲ୍ ସଂସ୍ଥା ସୃଷ୍ଟି କରି ଜାଲ୍ କାରବାର କରିବା ସହ ଜାଲ୍ ଆଇଟିସି ଅନ୍ୟମାନଙ୍କୁ ହସ୍ତାନ୍ତର କରି ଟିକସ ଫାଙ୍କୁଥିଲେ। ଏହି କାରବାରରେ ପ୍ରକୃତ ପକ୍ଷେ କୌଣସି ଜିନିଷପତ୍ର କିଣାବିକା ହୋଇ ନ ଥିଲା। ସବୁ କିଛି କାଗଜପତ୍ରରେ ଦର୍ଶାଯାଇ ରାଜ୍ୟର ରାଜସ୍ୱ ଠକି ଚାଲିଥିଲେ ବୋଲି ରାଉରକେଲା ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଅଫିସର ରମେଶ କୁମାର ମଣ୍ଡଳ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗିରଫ ୫ ଅଭିଯୁକ୍ତ ଏହି ଭୂତ ସଂସ୍ଥାଗୁଡ଼ିକୁ ସୃଷ୍ଟି କରିବା ପାଇଁ ସେମାନେ ନିରୀହ ଲୋକ ଯଥା କୌଣସି ବିଦ୍ୟାଳୟର ଶିକ୍ଷକ, ଏଲଆଇସି ଏଜେଣ୍ଟ, କ୍ରେନ ଚାଳକ, ଦିନ ମଜୁରିଆ, କୃଷକ, ରାସ୍ତାକଡର ବିକ୍ରେତା, ଗାଡି ପଞ୍ଜୀକରଣ ଏଜେଣ୍ଟ ଓ ଗୃହିଣୀ ଆଦିଙ୍କୁ ମାସିକ ୫ ହଜାରରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ନିୟମିତ ମାସିକ ଆୟ ଯୋଗାଇ ଦେବା ଆଳରେ ସେମାନଙ୍କଠାରୁ ବିଭିନ୍ନ ପରିଚୟପତ୍ର ହାସଲ କରି ସେଗୁଡ଼ିକୁ ଜିଏସ୍‌ଟିରେ ପଞ୍ଜୀକରଣ ପାଇଁ ଅପବ୍ୟବହାର କରୁଥିଲେ। ଆଜି ପର୍ଯ୍ୟନ୍ତ ରାଜ୍ୟ ଜିଏସ୍‌ଟି ଇନ୍‌ଫୋର୍ସମେଣ୍ଟ ୱିଙ୍ଗ ୯୧୯୬.୨୬କୋଟି ଟଙ୍କା ମୂଲ୍ୟର ନକଲି ବିଲ୍ ରାକେଟରେ ଜଡିତ ହୋଇଥିବା ତଥା ୧୭୩୯.୮୪ କୋଟି ଟଙ୍କା ଜାଲ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ଠକେଇ କରିଥିବା ୨୮ ଜଣଙ୍କୁ ଗିରଫ କରି ସାରିଲାଣି।



ରାଉରକେଲାରେ ଜିଏସ୍‌ଟି ପକ୍ଷରୁ ଚଢାଉ କରାଯାଉଛି।

## ସତ୍ୟସାଇ ସେବା ପକ୍ଷରୁ ଯୁବ ପ୍ରଶିକ୍ଷଣ ଶିବିର

ବଡ଼ଗାଁ, ୬।୭(ଡି.ଏନ୍.ଏ.)

ସ୍ୱଳ୍ପ ବୟସରୁ ପ୍ରଭୁ ଚେତନା ଓ ଆଧ୍ୟାତ୍ମିକତା ଭାବନାର ବୀଜ ତାଙ୍କ ମଧ୍ୟରେ ରୋପଣ କଲେ ଚରିତ୍ର ଗଠନ ଏବଂ ଦେଶ ନିର୍ମାଣରେ ସହାୟକ ହେବ ବୋଲି ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଯୁବ ପ୍ରଶିକ୍ଷଣ ଶିବିରରେ ରାଜ୍ୟ ସଙ୍ଗଠନର କର୍ମକର୍ତ୍ତା ପ୍ରତାପ ସାଇଁ ମତବ୍ୟକ୍ତ କରିଛନ୍ତି। ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ବର୍ତ୍ତମାନ ଜୀବନରେ ଆଧ୍ୟାତ୍ମିକତାର ଆବଶ୍ୟକତା ଶୀର୍ଷକ ଆଲୋଚନଚକ୍ର ଆୟୋଜିତ ହୋଇଥିଲା। ଏଥିରେ ସୁନ୍ଦରଗଡ ଜିଲାର ଦୁଇଶହ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଓଁକାର ଭଜନ ସହିତ ଆଧ୍ୟାତ୍ମିକତା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଓ ମୁଖ୍ୟତଃ ଚରିତ୍ର ଗଠନ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶା ରାଜ୍ୟ ସଙ୍ଗଠନ ପକ୍ଷରୁ ପ୍ରତାପ ସାଇଁ ଓ ପ୍ରଦୀପ୍ତ ମହାରଣା ବକ୍ତାଭାବେ ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ସଂଗଠନର ଜିଲା ସଭାପତି ମନୋଜ କୁମାର ରଥଙ୍କ ସହିତ ଲିଙ୍ଗରାଜ ରଥ, ମଞ୍ଜୁଳା ସାହୁ, ରାମଚନ୍ଦ୍ର ନାୟକ, ହେମନ୍ତ କୁମାର ପଣ୍ଡା, ନରହରି ନଏକ ଆଧ୍ୟାତ୍ମିକ ଚେତନା ଜାଗ୍ରତର ପ୍ରାସଙ୍ଗିକତାକୁ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସାଇ ଆଶ୍ରିତ ଯୁବତୀଯୁବକଙ୍କ ମଧ୍ୟରେ କୁଇଜ ଓ ରଚନା ପ୍ରତିଯୋଗିତା ହୋଇଥିଲା। ସଙ୍ଗଠନର ଜିଲା ସଭାପତି ମନୋଜ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯକ୍ରମରେ ପ୍ରଭାତ କୁମାର ସାହୁ, ଲୋପାମୁଦ୍ରା ରାଉ, ଗୁରୁଦତ୍ତ ଜେନା ସଂଯୋଜନା କରିଥିଲେ। ସଙ୍ଗଠନର ପୂର୍ବତନ ଜିଲା ଯୁବ ସଂଯୋଜକ ତଥା ବଡ଼ଗାଁ ଆଇଟିଆଇର ନିର୍ଦ୍ଦେଶକ ଡଃ ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ରାଶି ପ୍ରଦାନ ଦାବି

ଦେବଗଡ଼,୬।୭(ଡି.ଏନ୍.ଏ.)

୨୦୨୧-୨୨ ଆର୍ଥିକ ବର୍ଷରେ କ୍ଷତିଗ୍ରସ୍ତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଭୁକ୍ତ ଚାଷୀମାନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ଫଳରେ ଦେବଗଡ଼ ଜିଲାର କ୍ଷତିଗ୍ରସ୍ତ ଗରିବ ଚାଷୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏଣୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଦେବଗଡ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ବୁଧବାର ପୂର୍ବାହ୍ନରେ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ସମ୍ପାଦକ ଗୁଣନିଧି ବେହେରା, ସଦସ୍ୟ ବିରଂଚି ନାରାୟଣ ଭୋଇ, ଗୋବିନ୍ଦ ବାଘ ଓ ପ୍ରଶନ୍ନ କୁମାର ବିଶ୍ୱାଳ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କୁ ସାକ୍ଷାତକରି ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦେବଗଡ଼ ଜିଲାର ପ୍ରାୟ ୯୦ ପ୍ରତିଶତ ଚାଷୀ ଚାଷ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ହୋଇଥିବା ବେଳେ ଗତବର୍ଷ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିଲା। ସେହିପରି ଜିଲାର ବହୁ ଉଠା ଜଳସେଚନ ପଏଣ୍ଟ ଅଚଳ ଥିବାରୁ ଜିଲାର ଚାଷୀମାନେ ଭଲଭାବେ ଚାଷ କାର୍ଯ୍ୟ କରିପାରି ନ ଥିଲେ । କେତେକ ଚାଷୀ ନାଳ ଏବଂ ପୋଖରୀ ଆଦିରୁ ପମ୍ପ ଯୋଗେ ପାଣି ଉଠାଇ ଖର୍ଚ୍ଚାନ୍ତ ମଧ୍ୟ ହୋଇଥିଲେ । ଏଭଳି ପରିସ୍ଥିତିରେ ସ୍ୱଳ୍ପ ବୃଷ୍ଟି ଯୋଗୁ ଭଲ ଅମଳ ହୋଇ ନ ଥିଲା । ଫଳରେ ଖର୍ଚ୍ଚ ତୁଳନାରେ ଆୟ ଉଦ୍‌ବେଗଜନକ ରହିଥିଲା । ସରକାରଙ୍କ ନିୟମ ଅନୁଯାୟୀ କୃଷି ବିଭାଗ ଓ ବୀମା କମ୍ପାନୀ ଦ୍ୱାରା କ୍ରପ କଟିଂ କରାଯାଇ କେତେ ପରିମାଣର ଧାନ ଅମଳ ହେଲା ସେ ନେଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥାଏ ଓ ଏହି ରିପୋର୍ଟ ଅଧାରରେ ଚାଷୀଙ୍କୁ ବୀମା ଯୋଜନାରେ କ୍ଷତିପୂରଣ ପ୍ରଦାନ କରାଯାଇଥାଏ। ଦେବଗଡ ଜିଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ବୀମା କମ୍ପାନୀ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯାଇ ନ ଥିବା ଉକ୍ତ ସ୍ମାରକପତ୍ରରେ ଦର୍ଶାଯିବା ସହ ଜିଲାର ଚାଷୀଙ୍କୁ ଅବିଳମ୍ବେ କ୍ଷତିପୂରଣ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।



ଦେବଗଡ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି ଚାଷୀ।

# ଇସ୍ପାତ ଅରଣ୍ୟ ବାଟିକା ଉଦ୍‌ଘାଟିତ

ରାଉରକେଲା ଅଫିସ, ୬।୭

ଇସ୍ପାତ ମନ୍ତ୍ରଣାଳୟ ଦ୍ୱାରା ସ୍ୱାଧୀନତା ଅମୃତ ମହୋତ୍ସବ ପାଳନର ଅଂଶବିଶେଷ ଆଇକନିକ ସପ୍ତାହ ଉପଲକ୍ଷେ ସେଲ୍ ରାଉରକେଲା ଇସ୍ପାତ କାରଖାନାର ସେକ୍ଟର-୨୦ରେ ନୂତନ ବୃକ୍ଷରୋପଣ ଅଞ୍ଚଳ 'ଇସ୍ପାତ ଅରଣ୍ୟ ବାଟିକା'କୁ ଉଦ୍‌ଘାଟନ କରାଯାଇଛି। ଏହି ଉଦ୍‌ଘାଟନି ଉତ୍ସବରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବନ ମହୋତ୍ସବ-୨୦୨୨ ପାଳନ ଅବସରରେ ଆରଏସ୍‌ପିର ଉଦ୍ୟାନ କୃଷି ବିଭାଗ ଦ୍ୱାରା ଓଡ଼ିଶା ସରକାରଙ୍କ ବନ ବିଭାଗ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ଖଣି ବିଭାଗର ନିର୍ଦ୍ଦେଶକ ଏ.କେ କୁଣ୍ଡୁ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ସାହୁ, ଏସ୍ ତ୍ରିପାଠୀ, ଡାକ୍ତର ବି.କେ ହୋତା, ଏ.କେ ବେହୁରିଆ, ଏ.କେ ନାୟକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଭିନ୍ନ କିସମର ୧୧୨୫ଟି ବୃକ୍ଷରୋପଣ କରିଥିଲେ। ସୂଚନାଯୋଗ୍ୟ, ଆରଏସ୍‌ପି ରାଉରକେଲା ତଥା ଏହାର ଆଖାପାଖ ଅଞ୍ଚଳରେ ୫୧ଲକ୍ଷରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରି ସବୁଜିମାର ବଳୟକୁ ପରିବ୍ୟାପ୍ତ କରିଛି। ଚଳିତ ବର୍ଷ ଆରଏସ୍‌ପି ପକ୍ଷରୁ ୨.୫ ଲକ୍ଷ ବୃକ୍ଷରୋପଣ କରିବ ବୋଲି ଲକ୍ଷ୍ୟ ରଖିଛି।



ଇସ୍ପାତ ଅରଣ୍ୟ ବାଟିକା'କୁ ଉଦ୍‌ଘାଟନ କରାଯାଉଛି।

## ୧୦୦ ଛାତ୍ରୀ ଅସୁସ୍ଥ ଘଟଣା: ତଦନ୍ତ ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ

ଟେନ୍‌ସା/ଲହୁଣୀପଡ଼ା, ୬।୭(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଚୋରଧରା ପଞ୍ଚାୟତ ଫଟାଟାଙ୍ଗର ସେବାଶ୍ରମରେ ପ୍ରାୟ ୨୦୦ ଛାତ୍ରୀ ଥିବାବେଳେ ଏମାନଙ୍କ ମଧ୍ୟରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ବଣାଇ ଚିକିତ୍ସାଳୟକୁ ଏପର୍ଯ୍ୟନ୍ତ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ଚିକିତ୍ସା ନିମନ୍ତେ ପଠା ଯାଇଥିବାବେଳେ ଅସୁସ୍ଥଙ୍କ ମଧ୍ୟରୁ ୧୦ ଜଣଙ୍କୁ ରାଉରକେଲା ଆରଜିଏଚକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ରାତ୍ରିରେ ହଷ୍ଟେଲରେ ଡାଲମା ଭାତ ଖାଇବା ପରେ ଦେହ ଅସୁସ୍ତ ହୋଇଥିଲା । ଏନେଇ ରାତ୍ରିରୁ କେ.ବଲାଙ୍ଗ ମେଡିକାଲ ଟିମ ପହଞ୍ଚି ଚିକିତ୍ସା ଚଳାଇଥିବା ବେଳେ ଅଧିକା ଗୁରୁତର ହବାରୁ ବଣାଇ ମେଡିକାଲକୁ ପଠା ଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଟିମ ହଷ୍ଟେଲରେ ରହି ଅନ୍ୟ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଥିବା କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମହମ୍ମଦ ସଂକୀବୁଲ ରେହେମାନ ସୂଚନା ଦେଇଛନ୍ତି ।

# ଲକ୍ଷ୍ମୀ ମଜୁମଦାର ଆୱାର୍ଡରେ ପ୍ରଥମ ସ୍ଥାନ ପାଇଲେ ବଡ଼ଗାଁ ଆଇଟିଆଇର ମଦର ଟେରେସା ଟିମ୍

ବଡ଼ଗାଁ, ୬।୭(ଡି.ଏନ୍.ଏ.)

ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲାରେ ଅନେକ ପ୍ରତିଭା ସମ୍ପନ୍ନ ଯୁବତୀ ଯୁବକ ଥିଲେ ମଧ୍ୟ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ ଉପଯୁକ୍ତ ମଞ୍ଚ ଅଭାବରୁ ବଣ ମଲ୍ଲୀ ଭଳି ବଣରେ ଫୁଟି ମଉଳି ଯାଉଛନ୍ତି। ହେଲେ ବଡ଼ଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର ଏଭଳି ପ୍ରତିଭାର ବିକାଶ ପାଇଁ ଯଥା ସମ୍ଭବ ପ୍ରୟାସ କରିଆସୁଛି। ବଡ଼ଗାଁ ଆଇଟିଆଇ ସ୍କାଉଟସ ଗାଇଡ୍‌ସ ଛାତ୍ରୀଛାତ୍ର ଜିଲା ଓ ରାଜ୍ୟରେ ସତନ୍ତ୍ର ପରିଚୟ ସୃଷ୍ଟି କରିଥିଲାବେଳେ ବର୍ତ୍ତମାନ ସର୍ବ ଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ବଡ଼ଗାଁ ସ୍କାଉଟ ବିଭାଗର ମଦର ଟେରେସା ଟିମ୍ ସର୍ବ ଭାରତୀୟ ସ୍ତରରେ ଲକ୍ଷ୍ମୀ ମଜୁମଦାର ଆୱାର୍ଡରେ ପ୍ରଥମ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି। ପ୍ଲାଷ୍ଟିକ ବର୍ଜନ ଓ ପରିବେଶ ସୁରକ୍ଷାକୁ ନେଇ ପ୍ରଦର୍ଶିତ ପ୍ରକଳ୍ପ ଉପରେ ଏହି ଆୱାର୍ଡ ମିଳିଛି। ପୁରସ୍କାର ଗ୍ରହଣ ପାଇଁ ସ୍କାଉଟ ରେଞ୍ଜର ରିମା ମାଲୋ କୁଜୁର ଓ ସୁସ୍ମିତା କାଲୋଙ୍କୁ ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ଆୟୋଜିତ ସତନ୍ତ୍ର ଉତ୍ସବରେ ରାଜ୍ୟ ମୁଖ୍ୟ ସ୍କାଉଟ କମିଶନର କାଳୀ ପ୍ରସାଦ ମିଶ୍ର, ସ୍କାଉଟ ଗାଇଡର ରାଜ୍ୟ ସଭାପତି ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ, ଭୁବନେଶ୍ୱର ମଧ୍ୟଭାଗର ବିଧାୟକ ଅନନ୍ତ ଜେନା ସମାଜର ପ୍ରକାଶକ ନିରଞ୍ଜନ ରଥଙ୍କ ଉପସ୍ଥିତିରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମାନପତ୍ର ଏବଂ ଫଳକ ଦେଇ ସମ୍ମାନିତ କରିଛନ୍ତି।

## ବାଇକ୍ ଡିକି ଭାଙ୍ଗି ଚାଷୀଙ୍କ ଠାରୁ ୧ଲକ୍ଷ ଟଙ୍କା ଲୁଟ୍

ବଣାଇଁ, ୬।୭(ସ୍ୱ.ପ୍ର.)

ବୁଧବାର ବଣାଇଗଡ଼ ସହରର ଲ୍ୟାମ୍ପ ସମ୍ମୁଖରୁ ଜଣେ ଚାଷୀଙ୍କ ବାଇକ ଡିକି ଭାଙ୍ଗି ଦୁର୍ବୃତ୍ତ ଏକ ଲକ୍ଷ ଟଙ୍କା ଲୁଟି ନେଇଥିବା ଜଣାପଡିଛି। ବଣାଇଁ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ମୀନକେତନ ସାହୁ ମଧ୍ୟାହ୍ନରେ ଚାଷ କାର୍ଯ୍ୟ ନିମନ୍ତେ ବଣାଇ ଷ୍ଟେଟ ବ୍ୟାଙ୍କ ଶାଖାରୁ ଏକ ଲକ୍ଷ ଟଙ୍କା ଉଠାଇ ନିଜ ବାଇକ ଡିକିରେ ରଖିଥିଲେ । ବ୍ୟାଙ୍କରୁ ବଣାଇଁ ଲ୍ୟାମ୍ପକୁ ସାର ସଂକ୍ରାନ୍ତ ରେ ବୁଝିବା ପାଇଁ ଯାଇଥିଲେ। ବଣାଇଗଡ଼ ଲ୍ୟାମ୍ପ ସମ୍ମୁଖରେ ବାଇକ ରଖି ଭିତରକୁ ଯିବା ଓ ଫେରିବା ପରେ ବାଇକର ଡିକି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ।

# ମହୁଲ ଫୁଲ ଜବତ: ୨ଗିରଫ

ରାଉରକେଲା ଅଫିସ,୬।୭

ରାଉରକେଲା ଅବକାରୀ ପୋଲିସ ମହୁଲ ଫୁଲ ଚୋରା ଚାଲାଣ କରୁଥିବାବେଳେ ୨ ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଶ୍ରା ସାହୁ ଓ ପୁସ ସାହୁ। ସୂଚନାଯୋଗ୍ୟ, ପୁସ ଓ ବିଶ୍ରା ୪ଟି ପିକ୍‌ଅପ୍ ଗାଡିରେ ୬୫ କୁଇଣ୍ଟାଲ ମହୁଲ ଫୁଲ ନେଇ କରଞ୍ଜିଆରୁ ରାଉରକେଲା ଅଭିମୁଖେ ଆସିଥିଲେ। କୌଣସି ବିଶେଷ ସୂତ୍ରରୁ ଅବକାରୀ ପୋଲିସ ଖବରପାଇ ଚଢ଼ାଉ କରି ଉକ୍ତ ୪ଟି ଗାଡିକୁ ଜବତ କରିଥିଲା। ଗାଡି ସହ ମହୁଲ ଫୁଲକୁ ଜବତ କରି ପୋଲିସ ବୁଧବାର ଦୁଇ ଜଣ ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ କରିଛି।



ମହୁଲ ଫୁଲ ଚୋରା ଚାଲାଣବେଳେ ୨ଜଣଙ୍କୁ ପୋଲିସ ଗିରଫ କରିଛି।

# 'ସନ୍ତୋଷ ମାନସିକ ଭାରସାମ୍ୟ ହରାଇ ବସିଥିଲେ'

ରାଉରକେଲା ଅଫିସ, ୬।୭

- ପୋଲିସ ଜବତ କଲା ସୁଇସାଇଡ ନୋଟ
- ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି

ଟେଲି ଅଭିନେତ୍ରୀ ରଶ୍ମିରେଖା ଓଝାଙ୍କ ଆତ୍ମହତ୍ୟା ପରେ ପୋଲିସ ସନ୍ତୋଷଙ୍କୁ ଜେରା କରିଥିଲା। ଏପଟେ ପୋଲିସର ଜେରା ସେପଟେ ରଶ୍ମିରେଖାକୁ ମନେପକାଇ ମାନସିକ ଭାରସାମ୍ୟ ହରାଇ ବସିଥିଲେ ସନ୍ତୋଷ। ତେଣୁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ମା' ଶୁଭାସିନୀ ପାତ୍ର କହିଛନ୍ତି।

ସେ କହିଛନ୍ତି ସନ୍ତୋଷ ଭୁବନେଶ୍ୱର ଛାଡି ଆଜକୁ ୧୫ରୁ ୨୦ ଦିନ ପୂର୍ବେ ରାଉରକେଲା ପଳାଇ ଆସିଥିଲେ। ସେ ବାରମ୍ବାର ରଶ୍ମିରେଖା କଥା କହିବା ସହ ପୁରୁଣା କଥାକୁ ମନେପକାଇ ଏକା ଏକା ରହୁଥିଲେ। ଗତ ୪ ତାରିଖରେ ଘରର ଛାତ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ପକ୍ଷରୁ ବାପା ସୁରେନ୍ଦ୍ର ଓ ମା' ଶୁଭାସିନୀ ବାରମ୍ବାର ବୁଝାଇଥିଲେ ମଧ୍ୟ ସନ୍ତୋଷଙ୍କ ମାନସିକ ସ୍ଥିତି ଠିକ୍ ରହୁ ନ ଥିଲା। ମଙ୍ଗଳବାର ରାତିରେ ସମସ୍ତେ ଖାଇସାରି ଶୋଇବାକୁ ଯାଉଥିବାବେଳେ ହଠାତ୍ ସନ୍ତୋଷ ଆତ୍ମହତ୍ୟା କରିବା ମର୍ମାହତ କରିଛି ବୋଲି ତାଙ୍କ ମା' ପ୍ରକାଶ କରିଥିଲେ। ପୋଲିସ ଜେରା କରିବାରୁ ସନ୍ତୋଷ ମାନସିକ ଭାରସାମ୍ୟ ହରାଇ ବସିଥିଲେ ବୋଲି ତାଙ୍କ ବାପା ସୁରେନ୍ଦ୍ର ମଧ୍ୟ କହିଛନ୍ତି।

ଅନ୍ୟପଟେ ମୃତ ସନ୍ତୋଷଙ୍କ ପକେଟ୍‌ରୁ ସୁଇସାଇଡ ନୋଟକୁ ମଧ୍ୟ ପୋଲିସ ଜବତ କରିଛି। ଏଥିରେ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ବାପାଙ୍କୁ କୌଣସି ହଇରାଣ ହରକତ ପୋଲିସ ନ କରିବା ପାଇଁ ସନ୍ତୋଷ ନୋଟ୍‌ରେ ଅନୁରୋଧ କରିଛନ୍ତି। ଶେଷରେ ଆଜୀବନ ସେ ରଶ୍ମିରେଖାକୁ ଭଲ ପାଆନ୍ତି ଲେଖିଥିବା ଜଣାପଡ଼ିଛି। ଏନେଇ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ କହିଥିଲେ, ଉକ୍ତ ଘଟଣାର ତଦନ୍ତ ଜାରି ରହିଛି। ତାଙ୍କ ପକେଟ୍‌ରୁ ଏକ ସୁଇସାଇଡ ନୋଟ ସହ ତାଙ୍କ ମୋବାଇଲକୁ ଜବତ କରାଯାଇଛି। ଏନେଇ ସବୁଦିଗରେ ତଦନ୍ତ କଲାପରେ ପ୍ରକୃତ ସତ୍ୟାସତ୍ୟ ଅବଗତ କରାଇବୁ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଘର ନଂ.ଏଫ୍‌ଇ-୮୩ରେ ସନ୍ତୋଷ ପରିବାର ସହ ବାସ କରୁଥିଲେ। ପରିବାରର ଏକମାତ୍ର ପୁଅ ସନ୍ତୋଷ ଗତ ଦେଢ଼ବର୍ଷ ହେବ ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳରେ ରହି ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ଭୁବନେଶ୍ୱରରେ ସନ୍ତୋଷ ରହୁଥିବା ସମୟରେ ଟେଲି ଅଭିନେତ୍ରୀ ରଶ୍ମିରେଖାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରସ୍ପର ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଥିବାବେଳେ ରଶ୍ମିରେଖାଙ୍କ ସହ ଅନ୍ୟ ଜଣେ ଯୁବକଙ୍କ ବନ୍ଧୁତା ହୋଇଥିଲା। ଏହାକୁ ସନ୍ତୋଷ ବିରୋଧ କରିବାରୁ ପରସ୍ପର ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଜୁନ ୧୮ ସନ୍ଧ୍ୟାରେ ରଶ୍ମିରେଖା ଆତ୍ମହତ୍ୟା କରିଥିଲେ। ଏଥିପାଇଁ ରଶ୍ମିରେଖାଙ୍କ ପରିବାର ଲୋକେ ସନ୍ତୋଷଙ୍କୁ ଦାୟୀ କରିଥିଲେ। ପୋଲିସ ତାଙ୍କୁ ଜେରା କରିଥିଲା।



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।



ଜବତ ସୁଇସାଇଡ ନୋଟ୍।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଶ୍ରୀଅରବିନ୍ଦ ଅତିମାନସ ଚେତନା ଜାଗରଣ ଯାତ୍ରା, ଶ୍ରୀଅରବିନ୍ଦ କର୍ମ ମନ୍ଦିର ମାତୃନିବାସ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁର ଦିନ ପ୍ରସ୍ତୁତି ବୈଠକ, ଜିଲା ସାମ୍ବାଦିକ ଭବନ, ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ଚୋରି ବାଇକ୍ ଉଦ୍ଧାର, ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା ଅଫିସ,୬।୭:** ରେଙ୍ଗାଲି ଥାନା ପୋଲିସ କନକତୋରା ଅଞ୍ଚଳରୁ ଚୋରି ହୋଇଥିବା ବାଇକ୍‌କୁ ସୁନ୍ଦରଗଡ ଜିଲା ହିମଗିରି ଥାନା ଅଞ୍ଚଳରୁ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ହିମଗିରି ଥାନା ତ୍ରିଭୁବନ ଗ୍ରାମର ରିଙ୍କୁ ବାଗ୍ (୨୦)। ଗତ ୧ତାରିଖରେ ରିଙ୍କୁ କୌଣସି କାମରେ ପିଥିଣ୍ଡା ଗ୍ରାମକୁ ଯାଇଥିବାବେଳେ ଗ୍ରାମରୁ ଏକ ବାଇକ୍ ଚୋରିକରି ଘରକୁ ଫେରୁଥିଲେ। ହେଲେ କନକତୋରା ଗ୍ରାମ ନିକଟରେ ବାଇକ୍ ଟାୟାର ଫାଟି ଯାଇଥିଲା। ରିଙ୍କୁ କନକତୋରା ଗ୍ରାମର ଶିକ୍ଷକ ବିନୋଦ ବିଶ୍ୱାଳଙ୍କ ଘର ବାଉଣ୍ଡରି ଭିତରେ ପ୍ରବେଶକରି ଟାୟାର ଫାଟିଥିବା ବାଇକ୍‌କୁ ରଖି ବିଶ୍ୱାଳଙ୍କ ବାଇକ୍ ଚୋରିକରି ଫେରାର ହୋଇଯାଇଥିଲେ। ଏ ନେଇ ଶିକ୍ଷକ ବିଶ୍ୱାଳ କନକତୋରା ଫାଣ୍ଡିରେ ଅଭିଯୋଗ କରିଥିଲେ। ରିଙ୍କୁ ଭିନ୍ନ ଭିନ୍ନ ବାଇକ୍, ସ୍କୁଟି ଚଢୁଥିବାବେଳେ ଗାଁଲୋକେ ସନ୍ଦେହକରି ହିମଗିରି ପୋଲିସକୁ ଜଣାଇଥିଲେ। ପୋଲିସ୍ ତାଙ୍କୁ ଥାନାକୁ ଆଣି ଜେରା କରିବାପରେ ସେ ସତ ମାନିଥିଲେ।

### ବାବୁ ଜଗଜ୍ଜୀବନ ରାମଙ୍କ ଶ୍ରାଦ୍ଧବାର୍ଷିକୀ

**ଜମନକିରା,୬।୭(ଡି.ଏନ.ଏ.):** ଜମନକିରା ବ୍ଲକ କେନାଡିପା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅମୋଘ ବୈରିଗଞ୍ଜନ ନାୟକଙ୍କ ସଭାପତିତ୍ୱରେ ଭାରତର ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ବାବୁ ଜଗଜ୍ଜୀବନ ରାମଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବାବୁଜୀଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ବାବୁଜୀଙ୍କ ସ୍ମୃତିଚାରଣ କରି ବୃକ୍ଷ ରୋପଣ ମାଧମରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଆହ୍ୱାନ ଦେଇଥିଲେ। ଡାକ୍ତର ବାସନ୍ତୀ ତଣ୍ଡିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୃକ୍ଷ ବିନା ବିଶ୍ୱର ଅସ୍ତିତ୍ୱ ନାହିଁ ବୋଲି ମତ ଦେଇଥିଲେ। ସରପଞ୍ଚ କଲ୍ୟାଣୀ ନାୟକ, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ପ୍ରଦୀପ ମହାକୁଳ, ଖବରଦାତା ରତ୍ନାକର ଭୋଇ ପ୍ରମୁଖ ଶିଶୁ ଗୋଟିଏକୁ ଗଛ ଗୋଟିଏ ସ୍ଲୋଗାନର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ପରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ବୃକ୍ଷ ରୋପଣ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଅନ୍ତର୍ଯାମୀ ମହାରଣା ଧନ୍ୟବାଦ ଦେଇଥିଲେ।

### ଜମନକିରା: ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

**ଜମନକିରା,୬।୭(ଡି.ଏନ.ଏ.):** ବାମରା ବନ୍ୟପ୍ରାଣୀ ବନଖଣ୍ଡ ଜମନକିରା ବନାଞ୍ଚଳର ବିଭିନ୍ନ ସ୍ଥାନରେ ବନବିଭାଗ ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ଜମନକିରା ବନ ସୁରକ୍ଷା ସମିତି ଆନୁକୂଲ୍ୟରେ ସଂରକ୍ଷିତ ଜଙ୍ଗଲରେ ବୃକ୍ଷ ରୋପଣ କରାଯାଇଥିଲା। ବାମରା ଡିଏଫଓ ଫାଲଗୁନି ସାରଥୀ ମଲ୍ଲିକ, ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକ, ଜିଲା ପରିଷଦ ଜୋନ ୧ ସୁଜାତା ଖୁଣ୍ଟିଆ, ଜମନକିରା ବିଡ଼ିଓ ଟୁନୁ ମେହେର, ଜମନକିରା ଯୁକ୍ତ ୩ ମହାବିଦ୍ୟାଳୟର ଅଧକ୍ଷ ଅରୁଣ କୁମାର ପଟେଲ, ବନ ସୁରକ୍ଷା ସମିତି ସଭାପତି ମାର୍ଶାଲ ଡୁଙ୍ଗଡୁଙ୍ଗ, ଫରେଷ୍ଟରେ ସୁନୀତା ନାଏକଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରଜାତିର ୨ହଜାର ଚାରା ରୋପଣ କରାଯାଇଥିଲା। ଭୋଜପୁର ଫରେଷ୍ଟର ହେମନ୍ତ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଜମନକିରା ରେଞ୍ଜ ବିଞ୍ଜିପାଲି ଫରେଷ୍ଟ ସେକ୍ସନର କେନାଡ଼ିପା ସ୍କୁଲ ପରିସରରେ ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକ, ଡାକ୍ତର ବାସନ୍ତୀ ତାଣ୍ଡିଆ, ମନୋରମା ମହାପାତ୍ର, ଫରେଷ୍ଟର, ଫରେଷ୍ଟଗାର୍ଡ, ସ୍କୁଲ ଶିକ୍ଷକ ଓ ଛାତ୍ରୀଛାତ୍ରୀଙ୍କ ଉପସ୍ଥିତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଯାଇଛି।

# ସମ୍ବଲପୁର ୯୦.୯୬%, ଝାରସୁଗୁଡ଼ା ୯୩.୭୩% ପାସ୍

## ଗୀତିକା ଓ ଦିବ୍ୟାଂଶୁ ଯୁଗ୍ମ ଟପ୍ପର

**ସମ୍ବଲପୁର,୬।୭(ବ୍ୟୁରୋ)**


ଗୀତିକା ପ୍ରଧାନ


ଦିବ୍ୟାଂଶୁ ସାହୁ


ଶ୍ରାବଣୀ ମହାପାତ୍ର

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସମ୍ବଲପୁର ଜିଲାରେ ପାସ୍ ହାର ୯୦.୯୬ ପ୍ରତିଶତ ରହିଛି। ଏଥିରେ ଛାତ୍ରୀମାନେ ଆଗୁଆ ରହିଛନ୍ତି। ମୋଟ ୨୦୮ ସ୍କୁଲର ୧୨ହଜାର ୬୪୪ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମଫିଲପ କରିଥିଲେ। ହେଲେ ବିଭିନ୍ନ କାରଣରୁ ୯୧୨ଜଣ ଅନୁପସ୍ଥିତ ଥିବାବେଳେ ୧୧,୭୩୨ଜଣ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୫୪୮୫ ଛାତ୍ର ଓ ୬୦୧୬ ଛାତ୍ରୀଙ୍କୁ ମିଶାଇ ମୋଟ ୧୧ ହଜାର ୫୦୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏ-୧ରେ ୯୫, ଏ-୨ରେ ୭୪୮, ବି-୧ରେ ୨୦୧୮, ବି-୨ରେ ୩୧୧୮, ସି ଗ୍ରୁପରେ ୩୦୮୨, ଡି ଗ୍ରୁପରେ ୧୮୮୪, ଇ ଗ୍ରୁପରେ ୫୫୬, ଏଫ୍ ଗ୍ରୁପରେ ୨୩୧ ଜଣ ପାସ୍ କରିଛନ୍ତି। ୨ଜଣ ସମାନ ୫୮୩ ଲେଖାଏ ମାର୍କ ରଖି ଜିଲାରେ ଯୁଗ୍ମ ଟପ୍ପର ହୋଇଛନ୍ତି। ସେମାନେ ହେଲେ ଧନକଉଡା ବ୍ଲକ ଗୋବିନ୍ଦପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଗୀତିକା ପ୍ରଧାନ ଓ ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଦିବ୍ୟାଂଶୁ ସାହୁ। କଳାମାଟି ଗ୍ରାମର ଗୀତିକାଙ୍କ ବାପା ଗୋକୁଳାନନ୍ଦ ପ୍ରଧାନ ଚାଷ କରୁଥିବା ବେଳେ ମାଆ ନିରୁପମା ଜଣେ ଗୃହିଣୀ। ଗୀତିକା କହିଛନ୍ତି, ଶିକ୍ଷା ବିଭାଗରେ କାମ କରିବାକୁ ତାଙ୍କର ଇଚ୍ଛା। ଜଣେ ଭଲ ଅଧାପିକା ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସଫଳତାର ଶ୍ରେୟ ପରିବାର, ଗୁରୁଜନଙ୍କୁ ଦେଇଛନ୍ତି। ସ୍କୁଲ ସମୟ ବାଦ୍ ସେ ଟ୍ୟୁଶନ ଯିବା ସହ ନିଜେ ଘରେ ୫ ଘଣ୍ଟା ପଢୁଥିଲେ। ଦିବ୍ୟାଂଶୁ କହିଛନ୍ତି, ସ୍କୁଲ ସମୟ ବାଦ୍ ଘରେ ୩ ଘଣ୍ଟା ପାଠ ପଢୁଥିଲେ। ବାଣିଜ୍ୟ ବିଭାଗରେ ଆଗକୁ ପାଠ ପଢିବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ବାପା ଲକ୍ଷ୍ମୀଧର ସାହୁ ହିଣ୍ଡାଲ୍‌କୋ କମ୍ପାନୀରେ କାମ କରୁଥିବା ବେଳେ ମାଆ ସୁମିତ୍ରା ଗୃହୀଣି ଅଟନ୍ତି। ସେହିପରି ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଶ୍ରାବଣୀ ମହାପାତ୍ର ୫୮୧ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶ୍ରାବଣୀ କହିଛନ୍ତି, ପ୍ରଶାସନିକ ସେବାରେ ଯୋଗଦେବା ଲକ୍ଷ୍ୟ ନେଇ ପାଠ ପଢିବେ। ପ୍ରତିଦିନ ସ୍କୁଲ ସମୟ ଛାଡି ସେ ୫ଘଣ୍ଟା ପରିଶ୍ରମ କରୁଥିଲେ। ବାପା ହିମାଞ୍ଚଳ ଅଧାପକ ଥିବାବେଳେ ମାଆ ଛବିରାଣି ଜଣେ ଗୃହଣୀ। ଏହାର ଶ୍ରେୟ ସେ ପରିବାର ଓ ଗୁରୁଜନଙ୍କୁ ଦେଇଛନ୍ତି। ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ତନ୍ମୟ ବିଶ୍ୱାଳ ୫୮୦ ମାର୍କ ରଖି ଜିଲାରେ ତୃତୀୟ ସ୍ଥାନ ହାସଲ କରିଛନ୍ତି।

## ଆଶା ବାରିକ ଜିଲା ଟପ୍ପର

**ଝାରସୁଗୁଡ଼ା ଅଫିସ,୬।୭**


ଆଶା ବାରିକ


ପୂଜା ମେହେର

ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଝାରସୁଗୁଡ଼ା ଜିଲାରେ ପାସ୍ ହାର ୯୩.୭୩ ପ୍ରତିଶତ ରହିଛି। ଏଥିରେ ଛାତ୍ରୀମାନେ ଆଗରେ ରହିଛନ୍ତି। ଜିଲାରେ ଚଳିତବର୍ଷ ମୋଟ ୬,୩୭୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୬,୨୯୮ଜଣ ପାସ୍ କରିଛନ୍ତି। ଏଥିମଧ୍ୟରେ ଛାତ୍ରୀ ୩,୨୩୦ ଓ ଛାତ୍ର ୩,୦୬୮ଜଣ ବୋଲି ଜଣାପଡିଛି। ଏ-୧ରେ ୭୯, ଏ-୨ରେ ୯୯୧, ବି-୧ରେ ୨,୦୫୬, ବି-୨ରେ ୧,୮୨୪, ସି ଗ୍ରେଡରେ ୯୨୮, ଡି ଗ୍ରେଡରେ ୩୪୭, ଇ ଗ୍ରେଡରେ ୭୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଲଖନପୁର ବ୍ଲକ ପଞ୍ଚଗାଁ ଦେବକୀଦେବୀ ବାଳିକା ହାଇସ୍କୁଲର ସର୍ବାଧିକ ୧୪ଜଣ ଛାତ୍ରୀ ଏ-୧ରେ ପାସ୍ କରିଛନ୍ତି। ଏହା ମଧ୍ୟରେ ଛାତ୍ରୀ ଆଶା ବାରିକ ସର୍ବାଧିକ ୫୭୯ନମ୍ବର ରଖି ଜିଲା ଟପ୍ପର ହୋଇଥିବାବେଳେ ଛାତ୍ରୀ ପୂଜା ମେହେର ୫୭୮ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ତମନ୍ନା କୁଚିଣ୍ଡା ଉପଖଣ୍ଡ ମାଟ୍ରିକ ଟପ୍ପର



**କୁଚିଣ୍ଡା,୬।୭(ଡି.ଏନ.ଏ.)**

ବୁଧବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କୁଚିଣ୍ଡା ବ୍ଲକର କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ତମନ୍ନା ତିୱାରୀ ସର୍ବାଧିକ ୫୬୩ ନମ୍ବର (୯୩.୮୩%) ରଖି କୁଚିଣ୍ଡା ଉପଖଣ୍ଡର ଟପ୍ପର ହୋଇଛନ୍ତି। ସେହିପରି ବାମରା ବ୍ଲକ ପିଣ୍ଡାପଥର ହାଇସ୍କୁଲ ଛାତ୍ର ଯୋଗରାଜ ପଟେଲ ୫୬୧ ନମ୍ବର (୯୩.୫% ) ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ସଫଳତା ପଛରେ ମାତାପିତା ଓ ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ ଗୁରୁମା'ଙ୍କ ଆଶୀର୍ବାଦ ରହିଥିବା ତମନ୍ନା କହିଛନ୍ତି। ସେ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଲକ୍ଷ୍ୟ ରଖିଥିବା କହନ୍ତି। ତମନ୍ନା କୁତୁରାଚୁଆଁ ଯୁକ୍ତଦୁଇ ଜୁନିୟର କଲେଜର ଭାରପ୍ରାପ୍ତ ଅଧକ୍ଷ ନୀଳାଞ୍ଚଳ ତିୱାରୀ ଓ ଅଧାପିକା ଭାବନା ପାଣ୍ଡେଙ୍କ କନ୍ୟା ଅଟନ୍ତି। ଚଳିତବର୍ଷ କୁଚିଣ୍ଡା ବ୍ଲକର ୨୫ଗୋଟି ହାଇସ୍କୁଲର ମୋଟ ୧୩୪୫ ପିଲାଙ୍କ ମଧ୍ୟରୁ ୧୨୮୨ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୨୭୫ ଜଣ ଅର୍ଥାତ ୯୯.୪୫ ପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଯୋଗରାଜଙ୍କ ବାପା ଦିଲରାଜ ପଟେଲ ଜଣେ ଚାଷୀ ଓ ମାତା ଝିଲି ପଟେଲ ସାଧାରଣ ଗୃହିଣୀ ଅଟନ୍ତି। ଏହି ସଫଳତା ପଛରେ ମାତାପିତା, ସ୍କୁଲ ଶିକ୍ଷକଙ୍କ ଆଶୀର୍ବାଦ ରହିଥିବା କହିଛନ୍ତି। ସେ ଇଞ୍ଜିନିୟରିଂ ପାଠ ପଢି ବୈଜ୍ଞାନିକ ହେବାର ଆଶା ରଖିଥିବା କହନ୍ତି।

# ରାଗିଂ ରୋକିବାକୁ ପଦକ୍ଷେପ ନିଅ

**ଝାରସୁଗୁଡ଼ା ଅଫିସ,୬।୭**


ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନେ ।

### ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଜିଲାପାଳଙ୍କ ପରାମର୍ଶ

ରାଗିଂ ଉପରେ ରୋକ ଲଗାଇବା ନିମନ୍ତେ ଶିକ୍ଷାନୁଷ୍ଠାନ ଗୁଡ଼ିକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ସରୋଜ କୁମାର ସାମଲ ପରାମର୍ଶ ଦେଇଛନ୍ତି। ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ସମସ୍ତ ଯୁକ୍ତ ଦୁଇ, ଯୁକ୍ତ ତିନି ମହାବିଦ୍ୟାଳୟ ସମେତ ଯାନ୍ତ୍ରିକ ବିଦ୍ୟାଳୟ, ଆଇଟିଆଇ, ନର୍ସିଂ ସ୍କୁଲ ଓ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ଏମାନଙ୍କୁ ଜିଲାପାଳ ଆଣ୍ଟି ରାଗିଂ ସ୍କ୍ୱାଡ୍ ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ସମ୍ପର୍କରେ ପଚାରି ବୁଝିଥିଲେ। ଛାତ୍ରାବାସ ଦାୟିତ୍ୱରେ ରହୁଥିବା ଅଧକ୍ଷ, ୱାର୍ଡେନ ପ୍ରତ୍ୟହ ଦୁଇଥର ଛାତ୍ରାବାସ ପରିଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଗିଂ ପ୍ରଭାବ ସମ୍ପର୍କରେ ପିଲାଙ୍କୁ କାଉନସେଲିଂ ମାଧମରେ ସଚେତନ କରାଇବା ସହ ରାଗିଂରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଦଣ୍ଡ ବିଧାନ ସମ୍ପର୍କରେ ସତର୍କ କରାଇବାକୁ ଜିଲାପାଳ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣି ସେଠୀ, ଉପଜିଲାପାଳ ଦୟାମୟ ପାଢୀ, ଡେପୁଟି କଲେକ୍ଟର ଯୋଗେନ୍ଦ୍ର ମାଝି, ଜିଲା ଶିକ୍ଷାଧିକାରୀ ପୁଷ୍ପଲତା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ବେଦାନ୍ତ ପକ୍ଷରୁ ବନ ମହୋତ୍ସବ ସପ୍ତାହ

**ଝାରସୁଗୁଡ଼ା ଅଫିସ,୬।୭**

ଝାରସୁଗୁଡ଼ା ବେଦାନ୍ତ ଲିମିଟେଡ୍ ତରଫରୁ ସ୍ଥାନୀୟ ମିଡୋଜ୍ ଟାଉନ୍‌ଶିପ୍ ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଜୁ ପଟ୍ଟନାୟକ ବନ୍ୟଜନ୍ତୁ ପୁରସ୍କାରପ୍ରାପ୍ତ ଆଶିଷ ଶୁକ୍ଳା, ଖବରଦାତା ରିତେଶ ଶର୍ମା, ବେଦାନ୍ତ କମ୍ପାନୀର ପିଆର୍ ଓ କମ୍ୟୁନିକେଶନ ମୁଖ୍ୟ ଅଶ୍ୱିନୀ ଚନ୍ଦ ଓ ଝାରସୁଗୁଡା ବାର୍ଡ ୱାଚର୍ସ ଗ୍ରୁପ ସଦସ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଆମ ଜୀବନରେ ବୃକ୍ଷର ଭୂମିକା ଓ ସବୁଜ ପରିବେଶକୁ ସମୃଦ୍ଧ କରିବାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ନେଇ ଆମ ଜଙ୍ଗଲର ସଂରକ୍ଷଣ ବିଷୟବସ୍ତୁକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ବିଜେତାମାନଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏହା ସହିତ ଅଂଶଗ୍ରହଣକାରୀଙ୍କୁ କମ୍ପାନୀ ତରଫରୁ ବିଭିନ୍ନ ପ୍ରକାର ଚାରା ପ୍ରଦାନ କରାଯାଇଥିଲା। ୧ସପ୍ତାହ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ କାରଖାନା ପରିସରରେ ବୃକ୍ଷରୋପଣ ଓ ସଚେତନତା ଅଭିଯାନ ଆରମ୍ଭ ହୋଇଛି ।



ଅତିଥିଙ୍କ ଗହଣରେ ପ୍ରତିଯୋଗୀ ଶିଶୁମାନେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବନ ମହୋତ୍ସବ

**ଝାରସୁଗୁଡ଼ା ଅଫିସ,୬।୭**

ବ୍ରଜରାଜନଗର ଶିଶୁ ବିଦ୍ୟାମନ୍ଦିର ପରିସରରେ ବନବିଭାଗ ପକ୍ଷରୁ ବୁଧବାର ବନମହୋତ୍ସବ ପାଳିତ ହୋଇଯାଇଛି। ଆର୍‌ଏସ୍‌ଏସ୍‌ର ଜିଲା ପ୍ରମୁଖ ରମାକାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଇଭେଲି ଏରିଆ ଫରେଷ୍ଟର ଅରକ୍ଷିତ ପ୍ରଧାନ ଓ ଫରେଷ୍ଟର ସୁଦେଷ୍ନା ପ୍ରଧାନ, ଫରେଷ୍ଟ ଗାର୍ଡ ରିମା ପଟେଲ, ସୂର୍ଯ୍ୟକାନ୍ତ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ପରିସରରେ ୩ଶହ ଚାରା ରୋପଣ କରାଯାଇଥିଲା। ପରିଚାଳନା କମିଟି ଉପସଭାପତି ଗୋବିନ୍ଦ ସିଂହ, ସମ୍ପାଦକ ସାହେବ ରାଓ, ସହ ସମ୍ପାଦକ ବିଜୟ କୁମାର ସାହୁ, ବିଦ୍ୟାଳୟର ଗୁରୁଜୀ ଗୁରୁମା ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

**ଜମନକିରା,୬।୭(ଡି.ଏନ.ଏ.)**

ସ୍ଥାନୀୟ ବିର୍ସା ମୁଣ୍ଡା ଯୁବ କ୍ଲବ ଓ କେନାଡିପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ବାସନ୍ତୀ ତଣ୍ଡିଆଙ୍କ ସଭାପତିତ୍ୱରେ ବିଶିଷ୍ଟ ଶିକ୍ଷାବିତ୍ ଓ ରାଜନେତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଉତ୍ସବ ହସ୍ପିଟାଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ତଥା ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଓ ଡାକ୍ତର ନିରୁପମା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ୟାମାପ୍ରସାଦଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ତ୍ୟାଗପୁତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ସଭାକୁ ନେହେରୁ ଯୁବକେନ୍ଦ୍ର ଜମନକିରା ଶାଖାର ସ୍ୱେଚ୍ଛାସେବୀ ଶମ୍ଭୁନାଥ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରର ମୋଟ ୨୦ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ନାଏକ, ପୂର୍ବତନ ବ୍ଲକ ଉପାଧକ୍ଷା ତରୁଣୀ ନାୟକ, ସାମାଜିକ କର୍ମୀ ପ୍ରଦୀପ ମହାକୁଲ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଦାତା ଗଣଙ୍କୁ ରେଡ଼କ୍ରସ ପକ୍ଷରୁ ମୁଖ୍ୟଅତିଥି ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। ଅଜିତ ପ୍ରଧାନ, ନମାନି ହେମ୍ବ୍ରମ, ସତ୍ୟପ୍ରିୟ ଧୁରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହୃଦାନନ୍ଦ ପାରୁଆଭାଡି ଲାମ୍ପ ସଭାପତି

**କୁଚିଣ୍ଡା,୬।୭(ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡର ସମବାୟ ସମିତି ସଭାପତି ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ ହୋଇଛି। ଏହି କ୍ରମରେ କୁଚିଣ୍ଡା ବ୍ଲକର ୩ଟି ଲ୍ୟାମ୍ପ ସମିତି ପାଇଁ ନାମାଙ୍କନ ଦାଖଲ ହୋଇଥିବା ବେଳେ ପାରୁଆଭାଡି ଲ୍ୟାମ୍ପ ସମିତି ସଭାପତି ଭାବେ ହୃଦାନନ୍ଦ ମାଝି ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କୁଚିଣ୍ଡା ଲ୍ୟାମ୍ପ ସମିତି ସଭାପତି ପାଇଁ ମନୋରଞ୍ଜନ ଭୋଇ ଓ ନବୀନ ଚନ୍ଦ୍ର ମାଝି ନାମାଙ୍କନ କରିଛନ୍ତି। ସେହିପରି କୁସୁମୀ ଲ୍ୟାମ୍ପ ସମିତି ସଭାପତି ପଦ ପାଇଁ ଭ୍ରମରବର ପ୍ରଧାନ ଓ ବିପ୍ର ଚରଣ ବାଘ ନାମାଙ୍କନ କରିଥିବାରୁ ଉଭୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ନିଶ୍ଚିତ ହୋଇଛି। ଏଥିପାଇଁ ଆସନ୍ତା ୮ତାରିଖରେ ଭୋଟ ଗ୍ରହଣ କରାଯିବ।

## ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ

**ନାକଟିଦେଉଳ,୬।୭(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୁଧବାର ବନମହୋତ୍ସବ ପାଳିତ ହୋଇଯାଇଛି। ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ରମାକାନ୍ତ ନାୟକ ମୁଖ୍ୟଅତିଥି ଓ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା, ଜାମୁଯୋରୀ ସରପଞ୍ଚ ରୀନା ବିଶି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜ ଅଧକ୍ଷ ରମେଶ କୁମାର ଅଗ୍ରୱାଲା ଅଧକ୍ଷତା କରିଥିବାବେଳେ ରାଜନୀତି ବିଜ୍ଞାନ ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଅତିଥି ଓ ଛାତ୍ରୀଛାତ୍ର ଅନୁଷ୍ଠାନର ପରିସରରେ ବିଭିନ୍ନ ପ୍ରଜାତିର ପ୍ରାୟ ୧୦୦ଚାରା ରୋପଣ କରିଥିଲେ।


କଲେଜ ପରିସରରେ ଚାରା ରୋପଣ କରାଯାଉଛି।

# ଜୁଲାଇରେ ବର୍ଷା ଚାଷୀଙ୍କୁ ଭରସା ଦେଲା

**ସମ୍ବଲପୁର,୬।୭(ବ୍ୟୁରୋ)**


ଅଣ ଜଳସେଚିତ ଅଞ୍ଚଳରେ ହଳ କରାଯାଉଛି ।

### ଖରିଫ ଚାଷ ପାଇଁ ଅଣ୍ଟା ଭିଡିଲେ

ଚଳିତବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ ପୂର୍ବରୁ ସୂଚନା ଦେଇଥିଲା। ଏହାକୁ ନେଇ ଚାଷୀମାନେ ଉତ୍ସାହିତ ହୋଇଥିଲେ। ହେଲେ ଜୁନ ମାସରେ ଆଶାନୁରୂପକ ବର୍ଷା ହେଲା ନାହିଁ। କେବଳ ଲଘୁଚାପ ବର୍ଷା କେତେକ ସ୍ଥାନରେ ହୋଇଥିଲା। ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ବିଶେଷ କରି ଅଣଜଳସେଚିତ ଅଞ୍ଚଳରେ ଚାଷ ଆରମ୍ଭ ହୋଇଥିଲା। ହେଲେ ଚାଷ କାର୍ଯ୍ୟରେ ସ୍ୱଳ୍ପବର୍ଷା ବାଧା ସୃଷ୍ଟି କରିଥିଲା। ଜୁଲାଇ ପ୍ରଥମ ସପ୍ତାହରେ କେତେକ ସ୍ଥାନରେ ଭଲ ବୃଷ୍ଟିପାତ ହୋଇଛି। ଏହାକୁ ଭରସା କରି ଚାଷୀ ଖରିଫ ଚାଷ ପାଇଁ ଅଣ୍ଟା ଭିଡିଛି। ଗତ ରବି ଫସଲରେ ହୋଇଥିବା କ୍ଷୟକ୍ଷତି ପୂରଣ କରିବାକୁ ଲକ୍ଷ୍ୟ ରଖିଛି।

ଚଳିତ ବର୍ଷ ଜୁନ ୧୫ ତାରିଖଠାରୁ ମୌସୁମୀ ବର୍ଷା ହେବାର ସୂଚନା ରହିଥିଲା। ଦେଖିବାକୁ ଗଲେ ଅଣଜଳସେଚିତ ଅଞ୍ଚଳରେ ବୁଣାଧାନରେ ପ୍ରାୟ ଏକମାସ ବିଳମ୍ବ ହୋଇଛି। ବିଶେଷ କରି ଜିଲାର ଯୁଯୁମୁରା, ରେଢାଖୋଲ, ନାକଟିଦେଉଳ, ଜମନକିରା, କୁଚିଣ୍ଡା ବ୍ଲକ ଅଞ୍ଚଳରେ ବୁଣା ଧାନ ହୋଇଥାଏ। ଜଳସେଚିତ ଜମିରେ ଟ୍ରାକ୍ଟର ଓ ହଳଲଙ୍ଗଳ ବ୍ୟବହାର କରି ଚାଷ କରାଯାଉଛି। କୃଷି ବିଭାଗ ସୂଚନା ଅନୁଯାୟୀ ଏବେ ଚାଷୀମାନଙ୍କ ପାଇଁ ଆଉ ଏକ ସୁଯୋଗ ରହିଛି। ସେମାନେ ଧଣିକିଆ ଚାଷ କରିପାରିବେ। ଧଣକିଆ ବୁଣିଲେ କ୍ଷେତରେ ଉର୍ବରତା ଆସିବ। ଜୈବିକ ପଦ୍ଧତିରେ ସାର ଭଳି କାମ ଦେବ। ଏବେ ଧଣକିଆ ବୁଣିଲେ ପ୍ରାୟ ଏକମାସ ଭିତରେ ମରିଯିବ। ପୁଣି ଚାଷୀ କ୍ଷେତରେ ଧାନ ଫସଲ କରି ପାରିବ ବୋଲି କୃଷି ବିଭାଗ ପକ୍ଷରୁ ସଚେତନ କରାଯାଉଛି। ଅନ୍ୟପଟେ ରାସାୟନିକ ସାର ପ୍ରୟୋଗ କଲେ ଜମିର ଉର୍ବରତା ଓ ମାନ ନଷ୍ଟ ହୋଇଯିବ। ତେଣୁ ଏହାଠାରୁ ଦୂରେଇ ରହିବାକୁ ଚାଷୀଙ୍କୁ ପରାମର୍ଶ ଦେଉଛନ୍ତି। ଅନ୍ୟପଟେ ଜଳସେଚିତ ଅଞ୍ଚଳରେ ତଳିପକା କାମ ସମ୍ପୂର୍ଣ୍ଣ ହୋଇଛି। ତଳି ରୋଇବା ପାଇଁ ଚାଷୀମାନେ ଜମିକୁ ପ୍ରସ୍ତୁତ କରିବାକୁ ହଳ କରୁଛନ୍ତି। ବର୍ଷା ଏଭଳି ଲାଗିରହିଲେ ଚାଷ ଉପଯୋଗୀ ହୋଇପାରିବ ବୋଲି ଚାଷୀମାନେ ମତ ଦେଉଛନ୍ତି। ଜିଲାରେ ଖରିଫ ସମୟରେ ପ୍ରାୟ ୧ ଲକ୍ଷ ୬ ହଜାର ହେକ୍ଟର ଜମିରେ ଧାନ ଫସଲ କରିବାର ଲକ୍ଷ୍ୟ ରହିଛି। ସେଥିରୁ ୨୦ ହଜାର ହେକ୍ଟର ଜମିରେ ବୁଣା ଧାନ ହୋଇଥାଏ। ଜୁନ ୨୩ରେ କେନାଲଗୁଡିକରେ ହୀରାକୁଦ ଜଳ ଭଣ୍ଡାରରୁ ପାଣି ଛଡାଯାଇଛି। ତେଣୁ ଜଳସେଚିତ ଅଞ୍ଚଳରେ ମଧ ଚାଷ କାର୍ଯ୍ୟରେ ସାମାନ୍ୟ ବିଳମ୍ବ ହୋଇଛି।

**ପାଇକମାଲ: ଏ ୧ଗ୍ରେଡ୍‌ରେ ୧୦ ଛାତ୍ରୀଛାତ୍ର**

ପାଇକମାଲ,(ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ବ୍ଲକରୁ ୧୦ଜଣ ଛାତ୍ରୀଛାତ୍ର ଏ ୧ ଗ୍ରେଡରେ ରହିଛନ୍ତି। ସେମାନେ ହେଲେ ପାଇକମାଲ ହାଇସ୍କୁଲର ଇପିସିତା ଖୁଣ୍ଟିଆ (୫୫୫), ଐନେସ ପ୍ରଧାନ (୫୫୦), ଶୁଭମ ସାହୁ (୫୪୭), ପ୍ରିତେଶ ଖମାରି (୫୪୦), ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ତେଜସ୍ୱିନୀ ଦାଶ (୫୫୧), ତ୍ରିବେଣୀ ସୋନୀ (୫୪୪), ଭୁବନେଶ୍ୱରପୁର ହାଇସ୍କୁଲର ସାମାରାଣୀ ବାଗ (୫୪୦), ମାଣ୍ଡୋସିଲ ହାଇସ୍କୁଲ ଦେବାଶ୍ରୀ ଖୁଣ୍ଟିଆ (୫୪୩), ଛିନ୍ଦେଇକେଲା ହାଇସ୍କୁଲର ରୋହନ ବାରିକ (୫୫୬), ବୁକୁରାମୁଣ୍ଡା ହାଇସ୍କୁଲର ପାୟଲ ସାହୁ (୫୪୨)।

# ମାଟ୍ରିକ ପରୀକ୍ଷାଫଳ ଉତ୍ସାହଜନକ

ବରଗଡ଼ ଅଫିସ୍,୬।୭

ବୁଧବାର ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି। ବରଗଡ଼ ଜିଲାରେ ଏହା ଉତ୍ସାହଜନକ ରହିଛି। ଜିଲାରେ ହାରାହାରି ପାସ୍ ହାର ୯୦.୫୫ ପ୍ରତିଶତ ରହିଛି। ସେଥିରୁ ରେଗୁଲାର ପରୀକ୍ଷାର୍ଥୀଙ୍କ ପାସ୍ ହାର ୯୦.୭୯, ଏକ୍ସ ରେଗୁଲାର ପରୀକ୍ଷାର୍ଥୀଙ୍କ ପାସ୍ ହାର ୫୨.୭୩, ପତ୍ର ବିନିମୟ(ରେଗୁଲାର) ପାସ୍ ହାର ୭୭.୨୪ ଏବଂ ପତ୍ର ବିନିମୟ(ଏକ୍ସ ରେଗୁଲାର) ପାସ୍ ହାର ୫୪.୫୫ ପ୍ରତିଶତ ରହିଛି। ସମୁଦାୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ତେଜସ୍ୱୀ ହିନ୍ଦୁ କୁମାର ସାହୁ ୫୯୦ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ଗ୍ରୀଞ୍ଜାଲ ହାଇସ୍କୁଲର ରଚିତ କୁମାର ପ୍ରଧାନ ୫୮୬ ମାର୍କ ରଖି ଜିଲାରେ ଦ୍ୱିତୀୟ ଏବଂ ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆୟୁଷ ବଡ଼ପଣ୍ଡା ୫୮୪ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ୩କୃତୀଛାତ୍ରଙ୍କୁ ଆମେ ଭେଟିଥିଲୁ। ପରୀକ୍ଷାଫଳ ନେଇ ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା....

### ରୋଗୀସେବା ଜୀବନର ଲକ୍ଷ୍ୟ



"ପରୀକ୍ଷାଫଳରେ ସନ୍ତୁଷ୍ଟ ଅଛି। ମାତୃଭାଷା, ସଂସ୍କୃତ, ସାମାଜିକ ବିଜ୍ଞାନରେ ଶତ ପ୍ରତିଶତ ମାର୍କ ପାଇଛି। ସାଧାରଣ ବିଜ୍ଞାନରେ ୯୮, ଇଂଲିଶରେ ୯୬ ଏବଂ ଗଣିତରେ ୯୬ ମାର୍କ ରଖିଛି। ଦିନକୁ ୧୨ରୁ ୧୪ଘଣ୍ଟା ପାଠପଢ଼ାରେ ସମୟ ଦେଉଥିଲି। ମା ଆମ ସ୍କୁଲରେ ଏବଂ ବାପା ସମ୍ବଲପୁର ଜିଲାର ଏକ ସ୍କୁଲରେ ଶିକ୍ଷାଦାନ କରନ୍ତି। ଗୁରୁଜୀ, ଗୁରୁମା, ମା, ବାପାଙ୍କ ଦିଗଦର୍ଶନ,ପରାମର୍ଶ ଯୋଗୁ ଏହି ସଫଳତା ପାଇଛି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀ ସେବାରେ ନିଜକୁ ନିୟୋଜିତ କରିବାକୁ ଲକ୍ଷ୍ୟ ରଖିଛି।

**ତେଜସ୍ୱୀ ହିନ୍ଦୁ କୁମାର ସାହୁ**

### ବାପାଙ୍କ ଭଳି ଶିକ୍ଷକ ହେବି



"ମାତୃଭାଷାରେ ୧୦୦, ସଂସ୍କୃତରେ ୯୯, ଇଂଲିଶରେ ୯୬, ସମାଜିକ ବିଜ୍ଞାନରେ ୯୯, ସାଧାରଣ ବିଜ୍ଞାନରେ ୯୮, ଗଣିତରେ ୯୪ ମାର୍କ ପାଇଛି। ଗଣିତରେ ଆଉ କିଛିଅଧିକ ମାର୍କବଢ଼ିଥାନ୍ତା ବୋଲି ଭାବୁଛି। ବୃତ୍ତି, ପଠାଣି ସାମନ୍ତ, ବ୍ରହ୍ମଗୁପ୍ତ ଗଣିତ, ନବୋଦୟ ପରୀକ୍ଷାରେ ଆଗରୁ ଉତ୍ତୀର୍ଣ୍ଣ ହୋଇଥିଲି।ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଶିକ୍ଷାଦାନ ସମେତ ଅଜାଆଈ, ମା, ବାପା ଏବଂ ସାନଭାଇର ଉତ୍ସାହରୁ ଏହି ସଫଳତା ପାଇଛି। ବାପାଙ୍କ ଭଳି ମୁଁ ବି ଜଣେ ଶିକ୍ଷକ ହେବାକୁ ଲକ୍ଷ୍ୟ ରଖିଛି ।

**ରଚିତ କୁମାର ପ୍ରଧାନ**

### ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛି



"ପରୀକ୍ଷାଫଳ ବହୁତ ଭଲ ହେବ ବୋଲି ଆଗରୁ ଆଶା ରଖିଥିଲି। ମାତୃଭାଷା, ସଂସ୍କୃତରେ ଶତ ପ୍ରତିଶତ ମାର୍କପାଇଛି। ସାମାଜିକ ବିଜ୍ଞାନରେ ୯୯, ସାଧାରଣ ବିଜ୍ଞାନରେ ୯୭, ଗଣିତରେ ୯୪ ଏବଂ ଇଂଲିଶରେ ୯୨ ମାର୍କ ପାଇଛି। ଗଣିତରେ ଟିକିଏ ମାର୍କ କମି ଯାଇଛି। ଅଧିକ ମାର୍କ ମିଳିବ ବୋଲି ଭାବିଥିଲି। ସ୍କୁଲରେ ପଢ଼ିବା ସହିତ ଘରେ ୭ରୁ ୮ଘଣ୍ଟା ପଢୁଥିଲି। ଟିଉସନ ମଧ୍ୟ ଯାଉଥିଲି। ବାପା ଜଣେ ଶିକ୍ଷକ ହେଉଥିବା ଯୋଗୁ ତାଙ୍କଠାରୁ ମଧ୍ୟ ବିଭିନ୍ନ ବିଷୟର ଦ୍ୱନ୍ଦ୍ୱ ଦୂର କରୁଥିଲି। ଗୁରୁଜୀ, ଗୁରୁମା, ମା, ବାପାଙ୍କୁ ସଫଳତାର ଶ୍ରେୟ ଦେବି। ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛି।

**ଆୟୁଷ ବଡ଼ପଣ୍ଡା**



ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ମନ୍ଦିରରେ ଏ-ୱାନ୍ କାଟେଗୋରିରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର।

## ସୁବର୍ଣ୍ଣପୁର ଜିଲା: ୯୧ ପରୀକ୍ଷାର୍ଥୀଙ୍କୁ ଏ-୧ ଗ୍ରେଡ୍

**ପାସ୍ ହାର ୯୦.୪୧%**

ସୋନପୁର,୬।୭(ନି.ପ୍ର.)

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲାର ପାସ୍ ହାର ୯୦.୪୧% ରହିଛି। ଜିଲାର ମୋଟ ୧୨୫ଟି ଉଚ୍ଚ ବିଦ୍ୟାଳୟର ୮୯୫୦ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ଫିଲପ କରିଥିଲେ। ୬୫୧ ଜଣ କୌଣସି କାରଣରୁ ଅନୁପସ୍ଥିତ ଥିଲେ। ୮୦୯୨ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପ୍ରକାଶିତ ପରୀକ୍ଷା ଫଳ ଅନୁସାରେ ଜିଲାରେ ୯୧ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛନ୍ତି। ସେହିପରି ଏ-୨ ଗ୍ରେଡ୍ ୪୮୪ଜଣ, ବି-୧ ୧୧୨୧ଜଣ, ବି-୨ ୧୮୩୩ଜଣ, ସି-୨୧୯୦ଜଣ, ଡି-୧୮୩୯ଜଣ, ଇ-୫୩୪ଜଣ ପାଇଛନ୍ତି। ଚଳିତବର୍ଷ ଝିଅମାନେ ପୁଅଙ୍କୁ ପଛରେ ପକାଇ ଦେଇଛନ୍ତି । ମୋଟ ୪୨୧୫ ଛାତ୍ରୀ ଓ ୩୮୭୭ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ପୂର୍ବ ବର୍ଷଗୁଡିକ ଭଳି ଚଳିତ ଥର ମଧ ବେସରକାରୀ ସ୍କୁଲର ଛାତ୍ରୀଛାତ୍ର ବାଜି ମାରି ନେଇଛନ୍ତି। ଏ-୧ ଗ୍ରେଡ୍ ପାଇଥିବା ଅଧିକାଂଶ ଛାତ୍ରୀଛାତ୍ର ବେସରକାରୀ ବିଦ୍ୟାଳୟର। ସୋନପୁର ସାହାରା ଟ୍ରଷ୍ଟ ଆବାସିକ ହାଇସ୍କୁଲର ସର୍ବାଧିକ ୪୬ ଜଣ ଏ-୧ଗ୍ରେଡ୍ ପାଇଥିବା ବେଳେ ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୬ଜଣ ଏ-୧ ଗ୍ରେଡ୍ ପାଇଛନ୍ତି। ଅମରପାଲି ହାଇସ୍କୁଲ ବୀରମହାରାଜପୁରରେ ୩ଜଣ, ବୀରମହାରାଜପୁର ହାଇସ୍କୁଲରେ ୨ଜଣ, ପରମେଶ୍ୱର ହାଇସ୍କୁଲ ବିଶିପଡାରେ ଜଣେ, ନନ୍ଦନମାଳ ପ୍ରଗତି ହାଇସ୍କୁଲରେ ୨ଜଣ, କନ୍ଦାଘାଟ ହାଇସ୍କୁଲରେ ଜଣେ, ପଞ୍ଚାୟତ ହାଇସ୍କୁଲ ବାଙ୍କିପାଲିରେ ଜଣେ, ସେଲେଡି ହାଇସ୍କୁଲରେ ଜଣେ, ଭଣ୍ଡାର ହାଇସ୍କୁଲରେ ଜଣେ, ମା' ମାହେଶ୍ୱରୀ ବିଦ୍ୟାପୀଠ ଉଫୁଲାରେ ୫ ଜଣ ଓ ଜଟେସିଂହା ହାଇସ୍କୁଲରେ ୯ଜଣ ଏ-୧ ପାଇଥିବା ବେଳେ ଅନ୍ୟ ଏ-୧ ଛାତ୍ରୀଛାତ୍ର କେଉଁ ସ୍କୁଲର ତାହା ସ୍ପଷ୍ଟ ହୋଇପାରିନି। ତେବେ ଉଫୁଲା ହାଇସ୍କୁଲରେ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ଓ ଜଟେସିଂହାରେ ଗଣପତି ହାଇସ୍କୁଲର ଛାତ୍ରୀଛାତ୍ର ଟ୍ୟାଗ୍ ହୋଇ ପରୀକ୍ଷା ଦେଇଥିବାରୁ ପରୀକ୍ଷା ଫଳ ଭଲ ହୋଇଛି। ସାହାରା ଟ୍ରଷ୍ଟ ଆବାସିକ ହାଇସ୍କୁଲର ଛାତ୍ରୀ ତନୁଶ୍ରୀ ବାରିକ୍ ଜିଲାର ଟପ୍ପର ହୋଇଛନ୍ତି। ସେ ୫୮୫ ନମ୍ବର ରଖିଛନ୍ତି। କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ପରେ ଚଳିତବର୍ଷ ଅଫଲାଇନରେ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ଜିଲାର ସର୍ବାଧିକ ଛାତ୍ରୀଛାତ୍ର ଏ-୧ ପାଇବା ଏକ ଉଲ୍ଲେଖନୀୟ ଘଟଣା ବୋଲି ଚର୍ଚ୍ଚା ହେଉଛି।

### 'ଭବିଷ୍ୟତରେ ଡାକ୍ତର ହେବେ ତନୁଶ୍ରୀ'



ତନୁଶ୍ରୀ ବାରିକ

ସୋନପୁର,୬।୭(ନି.ପ୍ର.)

ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲର ଛାତ୍ରୀ ତନୁଶ୍ରୀ ବାରିକ୍ ମାଟ୍ରିକ୍ ପରୀକ୍ଷାରେ ୯୭.୫୦% ନମ୍ବର ରଖି ସୁବର୍ଣ୍ଣପୁର ଜିଲାର ଟପ୍ପର ହୋଇଛନ୍ତି। ମୋଟ ୬୦୦ ନମ୍ବରରୁ ସେ ୫୮୫ ନମ୍ବର ରଖିଛନ୍ତି। ବରଗଡ ଜିଲା ବିଜେପୁର ବ୍ଲକ ବାରଗୁଡା ଗାଁର ତନୁଶ୍ରୀ ଜଣେ ମେଧାବୀ ଛାତ୍ରୀ। ସେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଘେଁସ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଠ ପଢିଛନ୍ତି। ବାରଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପଢିଥିଲେ। ତୃତୀୟ, ପଞ୍ଚମ ଓ ଷଷ୍ଠ ଶ୍ରେଣୀରେ ବୃତ୍ତି ପାଇଥିଲେ। ଅଷ୍ଟମ ଶ୍ରେଣୀ ଠାରୁ ସୋନପୁର ସାହାରା ଟ୍ରଷ୍ଟ ବିଦ୍ୟାଳୟ ଛାତ୍ରାବାସରେ ରହି ପାଠ ପଢୁଥିଲେ। ଏବେ ସେ ନିଟ୍ ପାଇଁ ପ୍ରସ୍ତୁତି କରିବେ। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ଜନସାଧାରଣଙ୍କ ସେବା କରିବା ତାଙ୍କ ଲକ୍ଷ୍ୟ। ମା'ଜୟଶ୍ରୀ ଜଣେ ଗୃହିଣୀ ହୋଇଥିବା ବେଳେ ବାପା ସୁଶିଲ କୁମାର ବାରିକ୍ ବରଗଡ ଜିଲା ବାରଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ।

## ନୂଆପଡ଼ା ଜିଲାରେ ପାସ୍ ହାର ୮୮.୨୩ %

ନୂଆପଡ଼ା ଅଫିସ,୬।୭

ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ରାଜ୍ୟରେ ପାସ ହାର ୯୦.୭୯ ପ୍ରତିଶତ ଥିବା ବେଳେ ନୂଆପଡା ଜିଲାରେ ପାସହାର ୮୮.୨୩ ପ୍ରତିଶତ ରହିଛି। ପୁଅ ତୁଳନାରେ ଝିଅ ଆଗରେ ଅଛନ୍ତି। ପ୍ରାପ୍ତ ସୂଚନା ମୁତାବକ ନୂଆପଡା ଜିଲାରେ ୧୪୫ଟି ବିଦ୍ୟାଳୟରୁ ୧୦ ହଜାର ୫୦୪ଜଣ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବା ପାଇଁ ଫର୍ମ ପୁରଣ କରିଥିଲେ। ସେଥି ମଧ୍ୟରୁ ୯ ହଜାର ୪୧୧ଜଣ ପରୀକ୍ଷା ଦେଇଥିବା ବେଳେ ୧ ହଜାର ୯୩ଜଣ ପରୀକ୍ଷା ଦେଇ ନ ଥିଲେ। ସେଥିମଧ୍ୟରୁ ମୋଟ ୯୨୬୮ଜଣ ଛାତ୍ରୀଛାତ୍ର ଉତିର୍ଣ୍ଣ ହୋଇଥିବା ବେଳେ ମୋଟ ପାସହାର ୮୮.୨୩ ପ୍ରତିଶତ ରହିଛି। ନୂଆପଡା ଜିଲାରେ ମଧ୍ୟ ଛାତ୍ରୀମାନେ ବାଜିମାତ କରିଛନ୍ତି। ଜିଲାରେ ୪୭୫୭ଜଣ ଛାତ୍ରୀ ଏବଂ

**ଜିଲାରେ ଝିଅଙ୍କ ବାଜିମାତ**

୪୫୧୧ଜଣ ଛାତ୍ର ପାସ୍ ହୋଇଛନ୍ତି। ଜିଲାରେ ୩ଜଣ ଛାତ୍ରୀଛାତ୍ର ଏ୧ରେ ପାସ ହୋଇଥିବା ବେଳେ ଏ୨ରେ ୩୫୧ଜଣ, ବି୧ରେ ୨୦୨୯ ଜଣ, ବି୨ରେ ୩୩୯୨ ଜଣ, ସିରେ ୨୫୦୨, ଡିରେ ୮୪୯ ଜଣ, ଇରେ ୧୩୯ଜଣ ଓ ଏଫ ଗ୍ରେଡରେ ୧୩୮ଜଣ ପାସ ହୋଇଛନ୍ତି। ଏ୧ ଗ୍ରେଡ ପାଇଥିବା ତିନି ଜଣଙ୍କ ମଧ୍ୟରୁ ୨ଜଣ ଛାତ୍ରୀ ହୋଇଥିବା ବେଳେ ଜଣେ ଛାତ୍ର ରହିଛନ୍ତି। ଜିଲାର ସିନାପାଲି ବ୍ଲକ ହାତିବନ୍ଧା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରୁତୁପର୍ଣ୍ଣା କୁଣ୍ଡୁ ୬୦୦ ରୁ ୫୪୫ ମାର୍କ ରଖି ଜିଲାରେ ପ୍ରଥମ ହୋଇଥିବା ବେଳେ ୫୪୨ ମାର୍କ ଦୁଇ ଜଣ ରଖିଛନ୍ତି। ତରବୋଡ ଉଚ୍ଚ ବିଦ୍ୟାଳୟର ଛାତ୍ର ସିର୍ଦ୍ଧାର୍ଥ ରାଉତ ଓ ହାତିବନ୍ଧା ଉଚ୍ଚ ବିଦ୍ୟାଳୟ ଛାତ୍ରୀ କରିସ୍ମା ମେହେର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ଛାତ୍ରୀଛାତ୍ରଙ୍କ ମୁହଁରୁ...



"ମା'ବାପାଙ୍କ ନିର୍ଦ୍ଦେଶ ଓ ଗୁରୁଜନଙ୍କ ଆଶୀର୍ବାଦରେ ମୁଁ ଦିନକୁ ୧୮ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରୁଥିଲେ। ସେହି ପରିଶ୍ରମର ଫଳସ୍ୱରପ ଆଜି ୫୪୫ ମାର୍କ ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଖୁସି ଲାଗୁଛି। ଆଗାମୀ ଦିନରେ ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ହୋଇ ଲୋକଙ୍କ ସେବା କରିବି ବୋଲି ଆଶା ରଖିଛି ।

**ରତୁପର୍ଣ୍ଣା କୁଣ୍ଡୁ – ସିନାପାଲି ହାତିବନ୍ଧା ଉଚ୍ଚ ବିଦ୍ୟାଳୟ।**



"ଆଗକୁ ଭଲ ଶିକ୍ଷକ ହୋଇ ଜିଲାର ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦେଇ ରାଜ୍ୟରେ ଟପ୍ପର କରିବି ବୋଲି ମୋର ଲକ୍ଷ୍ୟ ରଖିଛି।

**କରିଶ୍ମା ମେହେର-ସିନାପାଲି ହାତିବନ୍ଧା ଉଚ୍ଚ ବିଦ୍ୟାଳୟ।**



"କୋମନା ବ୍ଲକ ତରବୋଡର ସିର୍ଦ୍ଧାଥ ସିଂ ରାଉତ ୫୪୨ ମାର୍କ ରଖି ଜିଲାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ଆଗାମୀ ଦିନରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବି ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

**ସିର୍ଦ୍ଧାଥ ସିଂ ରାଉତ-ତରବୋଡ ଉଚ୍ଚ ବିଦ୍ୟାଳୟ, କୋମନା ।**

## ବଲାଙ୍ଗୀର ଜିଲାରେ ପାସ୍ ହାର ୮୬.୦୩ ପ୍ରତିଶତ

ବଲାଙ୍ଗୀର ଅଫିସ, ୬।୭

ବଲାଙ୍ଗୀର ଜିଲାରେ ମାଟ୍ରିକ୍ ପରୀକ୍ଷାରେ ୮୬.୦୩ ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ୧୧୪ ପରୀକ୍ଷାର୍ଥୀ ଏ-ୱାନ୍ କାଟାଗରିରେ ପାସ୍ କରିଛନ୍ତି। ଏହା ସହିତ ଏ-ଟୁ କାଟାଗରିରେ ୨୪୬୪, ବି-ୱାନ୍‌ରେ ୭୨୦୨, ବି-ଟୁରେ ୬୮୬୮, ସି'ରେ ୩୯୮୭ ଏବଂ ଡି କାଟାଗରିରେ ୧୮୫୧ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଚଳିତ ମାଟ୍ରିକ୍ ପରୀକ୍ଷାରେ ଜିଲାର ସମୁଦାୟ ୨୬ ହଜାର ୬୩୮ ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିରୁ ୩୧୪୫ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଜିଲାରେ ମାଟ୍ରିକ୍ ପରୀକ୍ଷା ଫଳାଫଳକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।

ରାଜ୍ୟସ୍ତରରେ ମାଟ୍ରିକ୍ ଫଳାଫଳ ୯୦.୭୫ ପ୍ରତିଶତ ରହିଥିବାବେଳେ ବଲାଙ୍ଗୀର ଜିଲାରେ ପ୍ରାଦେଶିକ ସ୍ତରର ପରୀକ୍ଷା ଫଳାଫଳ ପ୍ରତିଶତରୁ କମ୍ ରହିଛି। ବଲାଙ୍ଗୀର ସହର କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ୧୩ ଜଣ ଛାତ୍ର ଏ-ୱାନ୍ କାଟାଗରିରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସ୍ୱାଭିମାନ୍ ନାୟକ ସର୍ବାଧିକ ୫୯୧ ମାର୍କ (୯୮.୫୦ ପ୍ରତିଶତ) ରଖିଥିବା ଜଣାପଡିଛି। ଏହା ସହିତ ଅଂଶୁମାନ୍ ସାହୁ ୫୭୫ ମାର୍କ (୯୫.୮୩), ଆୟୁଷ କୁମାର ପାତ୍ର ଓ ଶାଶ୍ୱତ ସ୍ୱରୂପ ଶତପଥୀ ୫୭୪ ମାର୍କ (୯୫.୬୬), ସ୍ମାରକ ନାରାୟଣ ଖୁଆସ ୫୭୧ ମାର୍କ (୯୫.୦), ସୁନୀଲ କୁମାର ସାହୁ ୫୬୮ ମାର୍କ (୯୪.୬୬), ସୌମ୍ୟରଞ୍ଜନ ପରିଡା ୫୬୭ (୯୪.୫୦), ଅସ୍ମିତା ପ୍ରିୟରଞ୍ଜନ କ୍ଷେତି ୫୫୪ ମାର୍କ (୯୨.୩୩), ଶ୍ରୀୟା ବାରିକ ୫୫୦ ମାର୍କ (୯୧.୬୬), ସୌରଭ ନାଏକ ୫୪୧ ମାର୍କ (୯୧.୫୦), ଅନନ୍ୟା ଦାଶ ୫୪୯ ମାର୍କ (୯୧.୫୦), ବିଶ୍ୱଜିତ୍ ପାଣିଗ୍ରାହୀ ୫୪୫ ମାର୍କ (୯୦.୮୩) ଓ ସୌମ୍ୟସୁଦୀପ କୁଅଁର ୫୪୪ ମାର୍କ (୯୦.୬୬) ରହିଛି। ଏହି ବିଦ୍ୟାଳୟରୁ କେବଳ ଏ-ୱାନ୍‌ରେ ୧୩ ଜଣ, ଏ-ଟୁରେ ୩୧, ବି-ୱାନ୍‌ରେ ୩୯, ବି-ଟୁରେ ୨୪ ଜଣ, ସିରେ ୦୨ ଏବଂ ଡିରେ ଜଣେ ପାସ୍ କରିଥିବା ଜଣାପଡିଛି।

**୧୧୪ ଛାତ୍ରୀଛାତ୍ର ଏ-ୱାନ୍ କାଟେଗୋରିରେ**

### ଆଇଆଇଟିଆନ୍ ହେବାର ଲକ୍ଷ୍ୟ ରଖିଛି



"ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସ୍ୱାଭିମାନ ନାୟକ ମୋଟ ୬୦୦ ମାର୍କରୁ ୫୯୧ ମାର୍କ ରଖି ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ୱାଭିମାନ ଜିଲାରେ ସର୍ବାଧିକ ମାର୍କ ରଖିଥିବା ଜଣାପଡିଛି। ପିଲାଦିନରୁ ପାଠପଢ଼ାରେ ମେଧାବୀ ଛାତ୍ର ଭାବେ ପରିଚିତ ଥିବା ସ୍ୱାଭିମାନ ବଲାଙ୍ଗୀର ମହାଲକ୍ଷ୍ମୀନଗରରେ ରୁହନ୍ତି। ସେ ଆଗକୁ ଜଣେ ଆଇଆଇଟିଆନ୍ ହେବାର ଲକ୍ଷ୍ୟ ରଖିଛନ୍ତି। ମାଟ୍ରିକ୍ ପରୀକ୍ଷା ପାଇଁ ସ୍ୱାଭିମାନ ଦିନକୁ ୮ ଘଣ୍ଟା ଧରି ପାଠ ପଢୁଥିଲେ। ସ୍କୁଲ ପାଠ ପଢ଼ା ସହ ସେ ଟିଉସନ୍ ପଢୁଥିଲେ। ଏହି ସଫଳତାର ଶ୍ରେୟ ସେ ତାଙ୍କ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପିତାମାତାଙ୍କୁ ଦେଇଛନ୍ତି। ଯେଉଁ ବିଷୟରେ ସେ ପାଠ ପଢୁଥିଲେ ସେ ବିଷୟରେ ମନଯୋଗ ପୂର୍ବକ ପାଠ ପଢ଼ିବା ଉପରେ ସେ ଯୋର ଦେଉଥିଲେ ବୋଲି କହିଛନ୍ତି। ତାଙ୍କ ପିତା ସୁଶାନ୍ତ କୁମାର ନାୟକଙ୍କ କିଛି ମାସ ତଳେ ଦେହାନ୍ତ ହୋଇଯାଇଥିଲା। ଏବେ ସେ ତାଙ୍କ ମାତା ଚନ୍ଦ୍ରକାନ୍ତିନାୟକଙ୍କ ସହ ରହୁଛନ୍ତି।

**ସ୍ୱାଭିମାନ ନାୟକ, ବଲାଙ୍ଗୀର**

## ବୌଦ୍ଧ ଜିଲା: ଅନୁଷ୍କା ଅଗ୍ରୱାଲ ଜିଲା ଟପ୍ପର

- ଜିଲାରେ ୨୧ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ
- ପାସ୍ ହାର ୮୯.୫୧ ପ୍ରତିଶତ



ଅନୁଷ୍କା ଅଗ୍ରୱାଲ



ମନଜିତ୍ ମହାନ୍ତି



ସ୍ୱାତୀମୟୀ ଗିରି

ବୌଦ୍ଧ,୬।୭(ସ୍ୱ.ପ୍ର.)

ବୁଧବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତବର୍ଷ ବୌଦ୍ଧ ଜିଲାରେ ପାସ୍‌ହାର ୮୯.୫୧ ପ୍ରତିଶତ ହୋଇଥିବା ବେଳେ ୨୧ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏବର୍ଷ ଜିଲାର ୭୫ ଗୋଟି ବିଦ୍ୟାଳୟରେ ୭୯୭୯ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବା ବେଳେ ୭୨୦୭ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଜିଲାରେ ସମୁଦାୟ ୭୧୪୨ ଜଣ ଛାତ୍ରୀ ଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିମଧ୍ୟରୁ ଛାତ୍ରଙ୍କ ସଂଖ୍ୟା ୩୨୦୬ ଓ ଛାତ୍ରୀଙ୍କ ସଂଖ୍ୟା ୩୯୦୬ ରହିଛି। ଜିଲାରେ ଏ-୧ରେ ୨୧ ଜଣ, ଏ-୨ରେ ୩୩୩ ଜଣ, ବି-୧ରେ ୧୨୩୮, ବି-୨ରେ ୨୧୦୯, ସି-ରେ ୨୦୫୭,ଡି-ରେ ୧୧୩୩, ଇ-ଗ୍ରେଡ୍‌ରେ ୨୫୧ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାର ହରଭଙ୍ଗା ବ୍ଲକ ଅଧୀନ ତିଲେଶ୍ୱର ଲାଲବାହାଦୁର ବିଦ୍ୟାପୀଠର ଛାତ୍ରୀ ତଥା ପୁରୁଣାକଟକ ବାସିନ୍ଦା ଅନୁଷ୍କା ଅଗ୍ରୱାଲା ୫୮୭ ନମ୍ବର (୯୭.୮୩ ପ୍ରତିଶତ ) ରଖି ଜିଲା ଟପ୍ପର ହୋଇଛନ୍ତି। ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ମନଜିତ୍ ମହାନ୍ତି ୫୭୯ ମାର୍କ ରଖି ଦ୍ୱିତୀୟ ଓ ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସ୍ୱାତୀମୟୀ ଗିରି ୫୬୯ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ବୌଦ୍ଧ ଶିଶୁ ବିଦ୍ୟାମନ୍ଦିରର ୮ ଜଣ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।


CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8987604637

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭରା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪
ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
8902403341


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ଵବଟକୃଷ୍ଣ ପତି
ଶାନ୍ତି ନଗର, ଝାରପଡ଼ା
ଆବିର୍ଭାବ-୦୪।୦୩।୧୯୩୫
ତିରୋଧାନ- ୨୭।୦୬।୨୦୨୨
ସମସ୍ତଙ୍କ ପ୍ରିୟ ଜେଜେବାପା ଆମକୁ ବେସାହାରା କରି ଚାଲିଯିବେ ବୋଲି ବିଶ୍ୱାସ କରି ହେଉନି। ତୁମର ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଛି ସତ; କିନ୍ତୁ ତୁମର ସ୍ନେହ, ଶ୍ରଦ୍ଧା ଓ ଉପଦେଶ ପରିବାରକୁ ବାନ୍ଧି ରଖିବାର କ୍ଷମତା ସ୍ମୃତି ହୋଇ ରହିଗଲା। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଟୁଟୁ, ମଣ୍ଟୁ, ଵବୁଟୁ, ଲିଟୁ, ସୁଷମା, କୁନି, ବୁଢ଼ିଆ, ଅଞ୍ଜଳି, ପପୁନ୍, କୁନ୍‌ମୁନ୍, ଡୁଡୁଲ୍, ଗୁଡି, ମାମା, ଗ୍ଲୋଡି, ଗୁଡୁଲୀ, ଛୋଟୁ, ଶ୍ରୀଷ୍ଟି, ସଞ୍ଜୁ, ସଂଗ୍ରାମ, ମିକି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୯୧୩

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଵଅନ୍ନପୂର୍ଣ୍ଣା ମହାପାତ୍ର
ନବକଳେବର ରୋଡ୍, ନୂଆସାହି, ପୁରୀ
ଆବିର୍ଭାବ: ୧୪।୧୦।୧୯୪୦
ତିରୋଧାନ: ୨୯।୦୬।୨୦୨୨
ତୁମ ବିଦାୟୀ ଜନିତ ଦୁଃଖରେ ଆମେମାନେ ମର୍ମାହତ । ତୁମ ଶୂନ୍ୟତା ଅପୂରଣୀୟ। ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବାର ପ୍ରତିକ ରୂପେ ତୁମେ ସର୍ବଦା ଚିରସ୍ମରଣୀୟ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୯୨୧

୩୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଵ ନିନିରାଣୀ ଦାସ
ସ୍ୱାମୀ: ଵ ଚିତ୍ତରଂଜନ ଦାସ
ପଟିଆଗଡ, ଭୁବନେଶ୍ୱର
ଆବିର୍ଭାବ : ୦୩.୦୩.୧୯୩୮
ତିରୋଧାନ : ୧୮.୦୭.୧୯୯୧
ଆଜିର ଦିବସରେ ଆମ୍ଭେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।
-: ଶୋକ ସନ୍ତପ୍ତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୯୧୬

ଦ୍ୱାଦଶାହ ଉପଲକ୍ଷେ



ଵବିଧୁ ଶେଖର ତ୍ରିପାଠୀ
Plot No.-230 Saheed Nagar, BBSR
ଆବିର୍ଭାବ: ୨୬।୦୮।୧୯୩୭
ତିରୋଧାନ: ୨୬।୦୬।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୭୧୦୩୮

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୭ ଜୁଲାଇ, ୨୦୨୨



## କଫ ସିରପ୍ ଜବତ, ଜଣେ ଗିରଫ

**ବରଗଡ଼ ଅଫିସ୍:** ବରଗଡ଼ ଜିଲା ଗାଇସିଲେଟ ଥାନା ପୋଲିସ ଜଗଲପାଟ ଗ୍ରାମରୁ ୨୫୧ ବୋତଲ କଫ ସିରପ୍ ଏବଂ ୪୦ଟି ନିଶା ବଟିକା ଜବତ କରିଛି। ଏହି ଘଟଣାରେ ଜିତ ଭୋଇ(୪୧) ଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ଏସଆଇ ସୁନୀଲ କୁମାର ଦୋରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ପାଟ୍ରୋଲିଂ କରୁଥିବାବେଳେ ତାହା ଜବତ ହୋଇଥିଲା। ଏ ନେଇ ଗାଇସିଲେଟ ଥାନାରେ ଏକ ମାମଲା(ନଂ-୧୪୩/୨୨) ରୁଜୁ ହୋଇଛି।

## ସଂକ୍ଷେପରେ

### ନିର୍ଦ୍ୱନ୍ଦ୍ୱରେ ପାକ୍ସ ସଭାପତି ନିର୍ବାଚିତ



**ବରଗଡ଼ ଅଫିସ୍,୬।୭:** ବରଗଡ଼ ବ୍ଲକ ସରସରା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସଭାପତିଭାବେ ଜୟଦେବ ଗଡ଼ତିଆ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗଡ଼ତିଆ ପୂର୍ବରୁ ଜିଲା ପରିଷଦ ସଭ୍ୟ ଥିଲେ। ଦ୍ୱନିର୍ବାଚିତ ହେବା ପରେ ତାଙ୍କ ସମର୍ଥକ ମହଲରେ ଖୁସି ଦେଖାଯାଇଛି। ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମିଳନୀ

**ମୁରିବାହାଲ, ୬।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଲଦୀ ହାଇସ୍କୁଲଠାରେ ବ୍ଲକସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶାରୀରିକଶିକ୍ଷା ସମ୍ପାଦକ ଦେବାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଭାରପ୍ରାପ୍ତ ବିଇଓ ପ୍ରବୀର କୁମାର ପଣ୍ଡା, ହଲଦୀ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସାଦି କର୍ଣ୍ଣ, ଦୁର୍ଗାନନ୍ଦ ମହାକୁର ଅତିଥିଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ବ୍ଲକସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାଗୁଡିକ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବରିଷ୍ଠ ଖେଳ ଶିକ୍ଷକ ସନ୍ତୋଷ ମେହେର ଓ ୧୭ଥର ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିଥିବା ଜଗତସିଂହପୁର ଜିଲାର ଆକାଶ ରଣା ଖୋଖୋ, ବିନୋଦ ମହାପାତ୍ର କବାଡି ଓ ମୋହନ ପ୍ରଧାନୀ ଫୁଟବଲ ଖେଳ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ବରିଷ୍ଠ କ୍ରୀଡ଼ାଶିକ୍ଷକ କୁବେରଲାଲ ବେହେରା, ରମେଶ ଚନ୍ଦ୍ର ବିଶି, କିଶୋର ନାଥ, ଛୋଟରାୟ ମାରାଣ୍ଡି, ଅଞ୍ଜନ ବେହେରା,ବିରେନ୍ଦ୍ର ଖଟୁଆ, ସୁରେଶ ବେହେରା, ଝସକେତନ ରାଜହଂସ, ପ୍ରକାଶ ମହାନ୍ତି, ଧର୍ମୁ ବାଗ, ନବୀନ ସରାଫ, ପ୍ରସନ୍ନ ହାତୀଙ୍କ ସହ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।କୁର୍ଲୁବାହାଲ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ବିନୋଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ମାଟ୍ରିକ ପରୀକ୍ଷା ଫଳାଫଳ: ବାଉଁଶୁଣୀ ହାଇସ୍କୁଲରୁ ଏ-୧ ଗ୍ରେଡ୍‌ରେ ସ୍ୱାଭିମାନ ମିଶ୍ର

**ବାଉଁଶୁଣୀ,୬।୭(ଡି.ଏନ.ଏ.):** ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ର ପାଶ କରିଛନ୍ତି। ମୋଟ ୧୦୩ ଜଣ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ହେଲେ ୧୦୩ ଜଣ ପାସ କରିଥିବା ନେଇ ବାଉଁଶୁଣୀ ହାଇସ୍କୁଲର ପ୍ରଧାନଶିକ୍ଷକ ଚମ୍ପେଶ୍ୱର ଜାଲ ପ୍ରକାଶ କରିଛନ୍ତି। ଏ-୧ ଗ୍ରେଡରେ ଜଣେ ମାତ୍ର ଛାତ୍ର ସ୍ୱାଭିମାନ ମିଶ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ୱାଭିମାନ ୬୦୦ ମାର୍କରୁ ୫୪୮ ରଖିଛନ୍ତି। ଏହାଛଡା ଏ-୨ରେ ୧୨ ଜଣ, ବି-୧ରେ ୨୯ ଜଣ, ବି୨-୨୪, ସି-୨୨, ଡି-୧୩ ଜଣ, ଇ ଗ୍ରେଡ୍‌ରେ ୦୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। କୌଣସି ବର୍ଷ ବାଉଁଶୁଣୀ ହାଇସ୍କୁଲର ରେଜଲ୍ଟ ଶତ ପ୍ରତିଶତ ହୋଇ ନ ଥିଲା। ଏବର୍ଷ ସମସ୍ତଙ୍କର ଫଳାଫଳ ଭଲ ହୋଇଛି।

### ନୀଳଚକ୍ର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**କର୍ଲାମୁଣ୍ଡା,୬।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ବସ୍ତିଠାରେ ଶ୍ରୀ ଜଗନ୍ନାଥ ମନ୍ଦିରର ନୀଳଚକ୍ର ପ୍ରତିଷ୍ଠା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସୋମବାର ଅଧିବାସ ଓ କଳସଯାତ୍ରା କରାଯିବା ପରେ ମଙ୍ଗଳବାର ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଚାର୍ଯ୍ୟ ରୂପେ ନୀଳାଞ୍ଚଳ ଦାସ, ବ୍ରହ୍ମା ଆସନେ ଭାଗିରଥି ଷଡଙ୍ଗୀ, ମନ୍ଦିର ପୂଜକ ଭାରତ ଭୂଷଣ ଷଡଙ୍ଗୀ ରହିଥିଲେ। ଯଜ୍ଞ କର୍ତ୍ତା ସୈଲ୍ୟରଥି ସାହୁ, ପଦ୍ମାବତୀ ସାହୁ, ସୁରେନ୍ଦ୍ର ଭୋଇ, ବିଘ୍ନରାଜ ପୁଟେଲ, ବାଜେବନ ଭୋଇ, ତ୍ରିଲୋଚନ ବଗର୍ତ୍ତୀ, ବିରଞ୍ଚି ମାଝି, ବୈକୁଣ୍ଠ ପୁଟେଲ, ଗୁରୁବାରୁ ପୁଟେଲ ପ୍ରମୁଖ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ମହାରଣା ବିଶ୍ୱନାଥ ମହାରଣା ଉପସ୍ଥିତ ଥିଲେ। ଯଜ୍ଞ ଜଗନ୍ନାଥ ପୂଜା କମିଟି ଆୟୋଜନ କରିଥିଲେ।

# ଫେରିଲେ ବନ୍ଧା ପଡ଼ିଥିବା ଦାଦନ ଶ୍ରମିକ

**ଭବାନୀପାଟଣା/କୋକସରା, ୬।୭(ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଓ ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ତେଲଙ୍ଗାନା ରାଜ୍ୟରେ ବନ୍ଧକ ପଡ଼ିବା ଘଟଣାର ଭିଡିଓ ଭାଇରାଲ ସହ ଗଣମାଧ୍ୟମରେ ଖବର ପ୍ରକାଶ ହୋଇଥିଲା। ଏହା ପରେ ଜିଲା ପ୍ରଶାସନର ଉଦ୍ୟମକ୍ରମେ ବୁଧବାର ବନ୍ଧକ ଦାଦନ ଶ୍ରମିକ ଗାଁକୁ ଫେରିଛନ୍ତି। କଳାହାଣ୍ଡି ଜିଲା କୋକସରା ଓ ଧର୍ମଗଡ ବ୍ଲକର ୨ ଦାଦନ ଶ୍ରମିକଙ୍କ ସମେତ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅଞ୍ଚଳର ଦାଦନ ଶ୍ରମିକ ପରିବାରଙ୍କୁ ବଲାଙ୍ଗୀର ଜିଲାର ବେଣୁ ଦାସ ଦାଦନ ସର୍ଦ୍ଦାର ତେଲଙ୍ଗାନା ରାଜ୍ୟର ରଙ୍ଗାରେଡି ଜିଲା କବାଡିପଲ୍ଲୀ ଗ୍ରାମର ଏକ ଇଟାଭାଟି ଠିକାଦାର ନିକଟରେ ବନ୍ଧକ ଭାବେ ଛାଡି ଦେଇଥିଲେ। ଦୀର୍ଘ ୭ ମାସ କାମ କରିବା ପରେ ମଧ୍ୟ କୌଣସି ପାରିଶ୍ରମିକ ନ ଦେଇ ଘରକୁ ମଧ୍ୟ ଛାଡି ନ ଥିଲେ। ପାରିଶ୍ରମିକ କିମ୍ବା ଘରକୁ ଯିବାକୁ କହିଲେ ଇଟାଭାଟି ମାଲିକ ନିଯାତନା ଦେଉଥିଲେ। ଏପରି ସ୍ଥିତିରେ ବନ୍ଧକ ପଡିଥିବା ଧର୍ମଗଡ ବ୍ଲକ ବେହେରାଗୁଡା ଗ୍ରାମର ଶ୍ରମିକ ସୁରେନ୍ଦ୍ର ନାଏକ ଓ କୋକସରା ବ୍ଲକ ଅନାଥ ପରାଭୋଇ ଏକ ଭିଡିଓରେ ଅଞ୍ଚଳର ଗଣମାଧମ ପ୍ରତିନିଧିଙ୍କୁ ପଠାଇବା ପରେ ଘଟଣା ବିଭିନ୍ନ ସାମାଜିକ ଗଣମାଧମରେ ଭାଇରାଲ ହୋଇ ପ୍ରସାରଣ ହୋଇଥିଲା। ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ ଜିଲା ଶ୍ରମ ବିଭାଗ ଅଧିକାରୀଙ୍କୁ ବନ୍ଧକ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ଘଟଣାକୁ ନେଇ ବରଗଡ଼ ଜିଲାର ଟୁଇଟର ଗାର୍ଲ ଭାବେ ପରିଚିତ ଦୀପା ବାରିକ ମଧ୍ୟ ନିଜ ଟୁଇଟରରେ ଧରିତ୍ରୀରେ ପ୍ରକାଶିତ ହୋଇଥିବା ଖବରକୁ ପୋଷ୍ଟ କରିଥିଲେ। ଶେଷରେ ଜିଲା ଶ୍ରମ ବିଭାଗ ତେଲଙ୍ଗାନା ପ୍ରଶାସନଙ୍କ ସହ ଯୋଗାଯୋଗ କରି ସ୍ଥାନୀୟ ପୋଲିସ ସହାୟତାରେ ଉଦ୍ଧାର କରି ଏକ ଯାତ୍ରୀବାହୀ ବସରେ ଶ୍ରମିକମାନଙ୍କୁ ନିଜ ଭିଟାମାଟିକୁ ପଠାଇଛି। ବୁଧବାର ନିଜ ଭିଟାମାଟିକୁ ଫେରିବା ପରେ ଉଦ୍ଧାର ହୋଇଥିବା ଶ୍ରମିକ ଗଣମାଧମ ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।



ଗାଁକୁ ଫେରୁଛନ୍ତି ଦାଦନ ଶ୍ରମିକ।



ସୋନପୁର ଗୁଣ୍ଡିଚା ମନ୍ଦିରରେ ବୁଧବାର ତିନି ଠାକୁରଙ୍କ କୃଷ୍ଣ ବଳରାମ ବେଶ।

# ଜିଲାପାଳଙ୍କୁ ଫେରାଦ ହେଲେ ୩ ଗ୍ରାମବାସୀ




ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ବୌଦ୍ଧ,୬।୭(ସ୍ୱ.ପ୍ର.)**

**ଭାଲିଆପଡା ମୌଜାରେ ଦେଶୀମଦ ଭାଟି ନ ଖୋଲିବାକୁ ଦାବି**

ବୌଦ୍ଧ ଜିଲାର ହରଭଙ୍ଗା ହରିଜନ ଓ ଆଦିବାସୀବହୁଳ ବ୍ଲକ । ଏହି ବ୍ଲକରେ ୨୨ ଗୋଟି ପଞ୍ଚାୟତ ଥିବା ବେଳେ ବଣପାହାଣ ଘେରା ତଳଗାଁ ପଞ୍ଚାୟତରେ ଅଧିକ ସଂଖ୍ୟାରେ ଆଦିବାସୀ ଓ ହରିଜନ ଲୋକ ବସବାସ କରୁଛନ୍ତି। ପଞ୍ଚାୟତର ଅଧିକାଂଶ ଲୋକ ମୂଲ ଲାଗି ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ବର୍ତ୍ତମାନ ସରକାର ତଳଗାଁ ପଞ୍ଚାୟତର ପୁରୁଣାପାଣି ମୌଜାରେ ଏକ ଦେଶୀ ମଦ ଭାଟି ଖୋଲିବାକୁ ଯାଉଥିବା ବେଳେ ଭାଟି ନ ଖୋଲିବାକୁ ମଙ୍ଗଳବାର ତଳଗାଁ ପଞ୍ଚାୟତର କଣ୍ଟିସର, କିରାମାସ୍କା ଓ ଭାଲିଆପଡା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଦେଶୀମଦ ଭାଟି ଖୋଲାଗଲେ ପଞ୍ଚାୟତର ବହୁ ଲୋକ ମଦ୍ୟପାନ କରି ରୋଗରେ ପଡିବା ସହ ପରିବାରରେ ଅଶାନ୍ତି ଦେଖାଦେବା ଆଶଙ୍କା ଥିବା ସେମାନେ ଦର୍ଶାଇଛନ୍ତି। ଗତ ୨୪ ତାରିଖରେ ଆପତ୍ତିର ଶେଷ ତାରିଖ ଥିବା ବେଳେ ଚାଷ କାର୍ଯ୍ୟ ପାଇଁ ଅନେକ ଆପତ୍ତି କରି ପାରି ନ ଥିବା ସେମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛ। ଏଥିରେ ପ୍ରଶାସନ ପକ୍ଷରୁ ଦେଶୀମଦ ଭାଟି ନ ଖୋଲିବାକୁ ଦାବି କରାଯାଇଛି ।

## ଲୋଇସିଂହା ବ୍ଲକରେ ମାଟ୍ରିକ ପରୀକ୍ଷା ଫଳ

**ଲୋଇସିଂହା, ୬।୭(ଡି.ଏନ.ଏ)**

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୁଧବାର ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳାଫଳ ବୁଧବାର ପ୍ରକାଶ ପାଇଛି । ବଲାଙ୍ଗୀର ଜିଲା ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ପାସ୍ ହାର ରହିଛି । ବିଦ୍ୟାଳୟର ୬୭ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତ ପରୀକ୍ଷାର୍ଥୀ ପାସ୍ କରିଛିଁ । ଏ ୨ ୨ଜଣ, ବି୧-୪, ବି ୨ ୧୯, ସି-୩୦ ଓ ଡି ଗ୍ରେଡରେ ୧୨ ଜଣ ପାସ୍ ହୋଇଥିବା ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇ କହିଛନ୍ତି। ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କଲ ପରୀକ୍ଷା ଫଳ ବି ଶତ ପ୍ରତିଶତ ହୋଇଛି। ୫୨ପରୀକ୍ଷାର୍ଥୀ ପରୀକ୍ଷା ଦେଇ ପାସ୍ କରିଛନ୍ତି। ବୁର୍ଡା ପଞ୍ଚାୟତ ହାଇସ୍କୁଲର ୬୦ ପରୀକ୍ଷାର୍ଥୀ ମଧ୍ୟରୁ ୫୮ ଜଣ ପାସ୍ ହୋଇଛନ୍ତି। ଯୋଗୀସର୍ଡା ନୋଡାଲ ହାଇସ୍କୁଲର ୮୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୯ ଜଣ ପାସ ହୋଇଛନ୍ତି। ପାସ୍ ହାର ୯୮.୭୫ ପ୍ରତିଶତ ବୋଲି ପ୍ରଧାନ ଶିକ୍ଷକ ଆଶୋକ କୁମାର ତ୍ରିପାଠୀ କହିଛନ୍ତି। କେଉଁଟିପାଲି ଆଦିବାସୀ ହାଇସ୍କୁଲର ୩୬ ପରୀକ୍ଷାର୍ଥୀରୁ ୨୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପଞ୍ଚାୟତ ହାଇସ୍କୁଲ କୁଶମେଲର ୬୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୭ଜଣ ପାସ ହୋଇଛନ୍ତି। ତଲିଉଡାର ଚନ୍ତାମଣୀ ହାଇସ୍କଲୁର ୭୦ ପରୀକ୍ଷାର୍ଥୀ ମଧ୍ୟରୁ ୬୫ ଜଣ, ରେଙ୍ଗାଲି ପଞ୍ଚାୟତ ହାଇସ୍କୁଲର ୫୫ ପରୀକ୍ଷାର୍ଥୀ ମଧ୍ୟରୁ ୪୪, ପଞ୍ଚାୟତ ହାଇସ୍କୁଲ ବୁଢୀପଦର ୩୨ ପରୀକ୍ଷାରୁ ୩୦, ସରଗାଡ ହାଇସ୍କୁଲର ୫୮ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। କୁଶଙ୍ଗ ପଞ୍ଚାୟତ ନୋଡାଲ ହାଇସ୍କଲୁଲର ୯୦ ଜଣ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। ଏ୧ ଗ୍ରେଡରେ ଛାତ୍ରୀ ସୈରେନ୍ଦ୍ରୀ ସାହୁ ୫୪୧ ମାର୍କ ରଖିଛନ୍ତି। ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ୪୩ ପରୀକ୍ଷାର୍ଥୀ ମଧ୍ୟରୁ ଏ ୧ରେ ୧, ଏ୨-୧୫, ବି୧-୨୦, ବି୨-୬, ସି -୧ ଜଣ ରହିଛନ୍ତି। ସ୍କୁଲର ଫଳାଫଳ ଶତପ୍ରତିଶତ ବୋଲି ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର କହିଛନ୍ତି।

## ନଅଗାଁ (ଖ) ପଞ୍ଚାୟତ ହାଇସ୍କୁଲ ପାସ୍ ହାର ଶତପ୍ରତିଶତ

**ଲୋଇସିଂହା,୬।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ହାଇସ୍କୁଲର ମାଟ୍ରିକ ଫଳାଫଳ ଶତ ପ୍ରତିଶତ ରହିଛି। ବିଦ୍ୟାଳୟର ୩ ଜଣ ଛାତ୍ରୀ ଏ ୧ ଗ୍ରେଡରେ ପାସ୍ କରିଛନ୍ତି। ସେମାନେ ହେଲେ ଲିପସା ସାହୁ, ପ୍ରତିମାରାଣୀ ପଶାୟତ ଓ ମୌସୁମୀରାଣୀ ସାହୁ । ସେମାନେ ୬ ଶହ ମାର୍କରୁ ସମାନ ୫୪୬ ମାର୍କ ରଖିଛନ୍ତି। ବିଦ୍ୟାଳୟର ୮୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏ୧-୩, ଏ୨-୧୧, ବି୧-୨୭, ବି୨-୨୬, ସି-୧୧ ଓ ଡି ଗ୍ରେଡରେ ୫ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। ।



ମୌସୁମୀରାଣୀ ସାହୁ



ପ୍ରତିମାରାଣୀ ପଶାୟତ



ଲିପସା ସାହୁ

## ଜଙ୍ଗଲ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ କରିବା

**ସିନାପାଲି,୬।୭(ଡି.ଏନ.ଏ.)**

**ମାହଗାଁ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ ପାଳିତ**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ମହଗାଁ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଶତାଧିକ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଜଙ୍ଗଲ ଓ ପରିବେଶ ସୁରକ୍ଷା, ପ୍ଲାଷ୍ଟିକମୁକ୍ତ ସମାଜ ଗଠନ କରିବା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା କରିଥିଲେ। ପରେ ସ୍କୁଲ ପଡିଆରେ ନିମ୍ବ, ଶାବୁଆନ, କାଜୁ ଇତ୍ୟାଦି ଏକ ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ପୂର୍ବରୁ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରବନ୍ଧ ରଚନାରେ ରେଣୁକା ବୈଠାରୁ, ଅମ୍ରିତା ନାଏକ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ମାନସୀ ବୈଠାରୁ ଓ କୌଶଲ୍ୟା ହରିଜନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନରେ ବିଶରଞ୍ଜନ ସରାଫ, ଯୌତିମୟୀ ବୈଠାରୁ ଓ ସୁନିଲ ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଇକୋ କ୍ଲବ, ରେଡ କ୍ରସ ଓ ସ୍କାଉଟ ଦଳର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୋଷୀଙ୍କ ସମେତ ବିବେକାନନ୍ଦ ଭୋଇ, ସନ୍ତୋଷ କୁମାର ମେହେର, ଗୁଣନିଧି ମୁଣ୍ଡ, କାର୍ତ୍ତିକେଶ୍ୱର ବୈଠାରୁ, ରମେଶ ଚନ୍ଦ୍ର ସା, ଶଙ୍କର ସାହୁ, ମହେଶ୍ୱର ସା କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହି ବିଦ୍ୟାଳୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେଲା ପ୍ରତିବର୍ଷ ବନମହୋତ୍ସବ ପାଳନ ହେବା ସହିତ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ କରୁଛି। ପରିବେଶ ସୁରକ୍ଷା ପାଇଁ ଏହି ଅନୁଷ୍ଠାନକୁ ୨୦୧୫ରେ ପ୍ରକୃତି ମିତ୍ର ଓ ୨୦୨୦ରେ ଅନୁଷ୍ଠାନ ମୁଖ୍ୟ ରବୀନ୍ଦ୍ର ନାଥ ଯୋଷୀଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି।

## ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା



ଛାତ୍ରୀଛାତ୍ରମାନେ ଚାରା ରୋପଣ କରୁଛନ୍ତି।

**ପାଇକମାଳ, ୬।୭(ଡି.ଏନ.ଏ.)**

**ନୃସିଂହନାଥ ହାଇସ୍କୁଲରେ ବନ ମହୋତ୍ସବ**

ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ହାଇସ୍କୁଲ ପରିସରରେ ବନ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଜର୍ଜଗଡ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଶିକ୍ଷକ ଓ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ଏନେଇ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ପ୍ରକୃତିବନ୍ଧୁ ବଡ ଶତପଥୀ, ମୁଖ୍ୟବକ୍ତା ଫରେଷ୍ଟର ଲୋକେଶ ଭୋଇ, ସମ୍ମାନିତ ଅତିଥି ପ୍ରକୃତିବନ୍ଧୁ ବିଭୂତି ମୁଣ୍ଡ ଯୋଗଦେଇ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଉପକାରିତା ବିଷୟରେ ଆଲୋକ ପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଗଛ ଲଗାଇ ବଞ୍ଚାଇବା ପାଇଁ ଶପଥ ପାଠ କରାଇଥିଲେ। ସ୍କୁଲ ପରିସରରେ ଅଁଳା, କରଞ୍ଜ, ତେଜପତ୍ର, ଡାଲଚିନି, ଅଶୋକ, ନାଗେଶ୍ୱର ପ୍ରଭୃତି ଔଷଧୀୟ ବୃକ୍ଷ ଛାତ୍ରୀଛାତ୍ରମାନେ ଲଗାଇଥିଲେ। ଶିକ୍ଷକ କେଦାର ନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଗ୍ରୀ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ପାଇକମାଳ, ୬।୭(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗ ଶେଷବର୍ଷ ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ସଭାରେ ବିଭାଗର ମୁଖ୍ୟ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ସଭାପତିତ୍ୱ କରିଥିଲେ। ଛାତ୍ରୀ ସୁବାସିନୀ ସୁନା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡା ଛାତ୍ରଛାତ୍ରୀଙ୍କୁ କିପରି ଅଧ୍ୟୟନ କରି ପରୀକ୍ଷାରେ କୃତକାର୍ଯ୍ୟ ହେବେ ତାହା ଉପରେ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ଦେବକାନ୍ତ ନାୟକ ସଭା ପରିଚାଳନା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପକ ଦେବକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଛାତ୍ରୀଛାତ୍ରମାନେ।

## ପଞ୍ଚାୟତ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ତାଲିମ

**ବୌଦ୍ଧ,୬।୭(ସ୍ୱ.ପ୍ର.)**

ବିଦ୍ୟାଳୟ ପରିଚାଳନା ସପ୍ତାହ ଅବସରରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ବିପର୍ଯ୍ୟୟ ଓ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ପାଇଁ ଏହି ତାଲିମର ଆବଶ୍ୟକତା ଏବଂ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା କିପରି ଭାବରେ କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଦାଶରଥୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତାଲିମଦାତା ଭାବରେ ଯୁବ ରେଡକ୍ରସ ସଂପାଦକ ଅଧ୍ୟାପକ ଡ. ପ୍ରବୀର କୁମାର ଦାସ ଯୋଗଦେଇ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ଉପରେ ବିସ୍ତୃତ ଭାବରେ ଆଲୋଚନା କରି ପ୍ରାଥମିକ ଚିକିତ୍ସା ଉପରେ ତାଲିମ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନରେ ପଡି କ୍ଷତବିକ୍ଷତ ହେଲେ,ହାତଗୋଡ ଭାଙ୍ଗିଗଲେ, ଅଚେତ ହୋଇଗଲେ, ସାପ କାମୁଡିଦେଲେ କିପରି ପ୍ରାଥମିକ ଚିକିତ୍ସା କରି ଡାକ୍ତରଖାନାକୁ ନିଆଯାଇପାରିବ ସେବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ବିଶୁଦ୍ଧ ପାନୀୟଜଳ,ସ୍ୱଚ୍ଛ ବିଦ୍ୟାଳୟ ପରିବେଶ,ସ୍ୱଚ୍ଛ ଶୌଚାଳୟ ତଥା ସବୁଜ ସୁନ୍ଦର ମହାବିଦ୍ୟାଳୟ ପରିସର ସୁନିଶ୍ଚିତ କରିବା ପାଇଁ ଏକ ୧୨ ଜଣିଆ କମିଟି ଗଠନ କରାଯାଇଥିଲା। ଶେଷରେ ନିଆଁ ଲାଗିବା,ଭୂମିକମ୍ପ ହେଲେ କିପରି ନିଜକୁ ସୁରକ୍ଷିତ ରଖିବା ସେଥିପାଇଁ ଏକ ମକଡ୍ରିଲ କରାଯାଇଥିଲା। ଏନଏସଏସର ଯୋଜନା ଅଧିକାରୀ ଅଧ୍ୟାପିକା ବାସନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସୁରଜ ନାୟକ, ସଦାନନ୍ଦ ମାହାର, ପ୍ରଦୀପ କୁମାର ପ୍ରଧାନ, ଅଧ୍ୟାପିକା ଶ୍ୱେତା ସୁମନ ପଣ୍ଡା ପ୍ରମୁଖ ତାଲିମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ।

## ନର୍ଲା ସମବାୟ ସମିତି ସଭାପତି ଭାବେ ମଞ୍ଜୁଲତା ବିଜୟୀ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା କୃଷି ପ୍ରାଥମିକ ସମବାୟ ସମିତି ସଭାପତି ପଦ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ୨ଜଣ ପ୍ରାର୍ଥୀ ମଞ୍ଜୁଲତା ଗଉଡ଼ ଏବଂ ଦିଲୀପ କୁମାର ନାଏକ ନିର୍ବାଚନ ଲଢୁଥିଲେ। ଏଥିରେ ମଞ୍ଜୁଲତା ଗୋଟିଏ ଭୋଟରେ ଦିଲୀପଙ୍କୁ ହରାଇ ସମବାୟ ସମିତି ସଭାପତି ପାଇଁ ନିର୍ବାଚିତ ହୋଇଛନ୍ତି ଏବଂ ଦାୟିତ୍ୱ ମଧ ଗ୍ରହଣ କରିଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସମତି ପକ୍ଷରୁ ସଭାପତି ପ୍ରାର୍ଥୀ ନିର୍ବାଚନ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିଲା। ଏଥିରେ ପ୍ରିଜାଡିଂ ଅଫିସର୍ ଓ ଇଲେକ୍ସନ ଅଫିସରଙ୍କ ଉପସ୍ଥିତିରେ ନିର୍ବାଚନ ହୋଇଥିଲା।

### ସଂକ୍ଷେପରେ

## ଶ୍ରେଣୀଗୃହ ଛାତରୁ ପାଣି ଗଳୁଛି

**ସାନଗୁର୍ଜିଭଟା ବିଦ୍ୟାଳୟ**

- ଗୋଟିଏ କୋଠରିରେ ପଢୁଛନ୍ତି ୨ଶ୍ରେଣୀର ପିଲା

**ଲାଠୋର,୬।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧିନ ସାନଗୁର୍ଜିଭଟା ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଦେଖାଦେଇଛି। ଗୋଟିଏ ଲେଖାଏ କୋଠରିରେ ତିନୋଟି ଶ୍ରେଣୀର ପିଲା ବସି ପାଠ ପଢୁଛନ୍ତି। ଅକ୍ଟୋବର ୧୯୬୦ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୧୪୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନେ ବସି ପାଠ ପଢିବା ପାଇଁ ୪ଟି ଶ୍ରେଣୀ କୋଠରି ରହିଛି। ସେଥିମଧ୍ୟରୁ ଗୋଟିଏ କୋଠରି ଉପଯୋଗୀ ନୁହେଁ। ସାମାନ୍ୟ ବର୍ଷା ହେଲେ ଅନ୍ୟ କୋଠରି ଛାତରୁ ପାଣି ଝରୁଛି। ଫଳରେ ଗୋଟିଏ କୋଠରିରେ ଦୁଇଟି ଲେଖାଏ ଶ୍ରେଣୀର ପିଲା ବସି ପାଠ ପଢୁଛନ୍ତି। ଏଥିଯୋଗୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ଅନେକ ଦିନରୁ ଶ୍ରେଣୀ କୋଠରି ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଏବେ ବର୍ଷାଋତୁ ଆସି ଯାଇଥିବାରୁ ପିଲାଙ୍କ ପାଠପଢା କିପରି ହେବ ସେ ନେଇ ଶିକ୍ଷକ ଓ ଅଭିଭାବକ ଚିନ୍ତାରେ ପଡିଛନ୍ତି। ପିଲାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

## ୪ ପାକ୍ସ ସଭାପତି ନିର୍ଦ୍ୱନ୍ଦ୍ୱ, ୩ଟିରେ ନିର୍ବାଚନ

**ଦେଓଗାଁ ବ୍ଲକରେ ସମବାୟ ନିର୍ବାଚନ**

**ଦେଓଗାଁ,୬।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ସାତଟି ପାକ୍ସରେ ନାମାଙ୍କନ ଦାଖଲ ପ୍ରକ୍ରିୟା ହୋଇଛି। ଏଥିରୁ ଗୌରଗୋଠ, ଉପରଝରେ, ଅର୍ଜୁନପୁର, ଧଣ୍ଡାମାଲ, ଦେଓଗାଁ, ରାମଚନ୍ଦ୍ରପୁର, ବନ୍ଧପଡା ପାକ୍ସରେ ନିର୍ବାଚନ ଚାଲିଛି। ଗୌରଗୋଠରେ ଟିକେରାମ ରଣା, ଉପରଝରରେ କପିଳେଶ୍ୱର ନାଏକ, ଅର୍ଜୁନପୁରରେ ଅରୁଣ ସୁନା, ଧଣ୍ଡାମାଲରେ ଦୟାନିଧି ଖମାରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଦେଓଗାଁ ପାକ୍ସରେ ଶୈଳେନ୍ଦ୍ର କୁମାର ସାହୁ ଓ ପ୍ରଦୀପ ସାହୁ, ରାମଚନ୍ଦ୍ରପୁରରେ ମନୋଜ କୁମାର ପଟେଲ ଓ ଶୁକ୍ରୁ ଛତ୍ରିଆ , ବନ୍ଧପଡାରେ ଚିମନ ପଧାନ ଓ ଶ୍ୟାମଳି ଚୌଧୁରୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ତିନି ପାକ୍ସରେ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

## ନାବାଳିକା ବିବାହ ରୋକିଲା ପ୍ରଶାସନ

**ସଇଁତଲା,୬।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କୁମ୍ଭାରୀରେ ବୁଧବାର ହେବାକୁ ଥିବା ଜଣେ ନାବାଳିକାଙ୍କ ବିବାହକୁ ପ୍ରଶାସନ ରୋକିଛି। ଗ୍ରାମର ୧୪ ବର୍ଷୀୟା ଝିଅର ବିବାହ ସମ୍ବଲପୁର ଜିଲା ଗୋଡ଼ଭଗା ଗୋଲକ ନଗରରେ ହେବାକୁ ସ୍ଥିରୀକୃତ ହୋଇଥିଲା । ବିବାହ ପାଇଁ କୌଣସି ଏକ ସ୍ଥାନକୁ ପରିବାର ଲୋକେ ଏକ ଅଟୋରେ ଝିଅକୁ ନେଉଥିବା ସମୟରେ ପ୍ରଶାସନ ଖବର ପାଇଥିଲା। ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସବିତା ଦାସ, ଆଶାକର୍ମୀ ପଙ୍କଜିନୀ ବିଭାର, ସୀମନ୍ତିନୀ ମଲ୍ଲିକ, ଚାଇଲ୍ଡଲାଇନ ସଂଯୋଜକ ତ୍ରିଲୋଚନ ବାଗ, ଶ୍ରୀମନ୍ତ ଥନାପତି, ଥାନା ଏସଆଇ ସଙ୍ଗୀତା ବେକ ପ୍ରମୁଖ ପହଞ୍ଚି ସମସ୍ତଙ୍କୁ ସଇଁତଲା ଥାନାକୁ ଆଣିଥିଲେ। ଥାନାରେ ସମସ୍ତଙ୍କ ଉପସ୍ଥିତିରେ ନାବାଳିକାଙ୍କ ମାତାପିତା ଝିଅର ବିବାହ ବୟସ ନ ହେବା ଯାଏ ବିବାହ କରିବୁ ନାହିଁ ବୋଲି ଲିଖିତ ଆକାରରେ ଦେବା ପରେ ପୋଲିସ ସେମାନଙ୍କୁ ଛାଡ଼ିଦେଇଥିଲା।

## କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ରୁପ୍ରା ରୋଡ/ପଲମ,୬।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବାଗପୁର ଗାଁ ନିକଟ ମୁଖ୍ୟ ରାଜ୍ୟ ରାଜପଥରେ ଏକ କୋଇଲା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ମଙ୍ଗଳବାର ରାତି ପ୍ରାୟ ସାଢ଼େ ୮ଟାରେ କୋଇଲା ବୋଝେଇ ଟ୍ରକ୍ (ନଂ.ସିଜି୦୪ଏମ୍‌ଜେଡ-୬୪୮୩) ଭବାନୀପାଟଣାରୁ ମ. ରାମପୁର ରାସ୍ତା ଦେଇ ବିଶାଖାପାଟଣାରୁ ରାୟପୁର ଯାଉଥିଲା। ବାଗପୁର ଗାଁ ନିକଟରେ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଥିଲା। ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଗାଡ଼ିର ଝରକା ଭାଙ୍ଗି ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଡ୍ରାଇଭରଙ୍କ ଅଣ୍ଟା ଓ ହାତରେ ଆଘାତ ଲାଗିଥିବା ଜଣାପଡିଛି।


ଡଙ୍ଗା ସାହାଯ୍ୟରେ ଛାତ୍ରୀଛାତ୍ରଙ୍କୁ ଅଙ୍ଗନଦୀ ପାର କରାଯାଉଛି।

# ନଦୀ ପାର୍ ହୋଇ ସ୍କୁଲ ଯାଉଛନ୍ତି ପିଲା

**ବରଗଡ଼ ଅଫିସ୍,୬।୭**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଅନ୍ତର୍ଗତ ଲଖମରା ଏବଂ ଚର୍ଦ୍ଦାପାଲି ପଞ୍ଚାୟତ ମଝିରେ ଅଙ୍ଗନଦୀ ପ୍ରବାହିତ ହୋଇଛି। ତେବେ ବ୍ରିଜ ନ ଥିବା ରୁ ଚର୍ଦ୍ଦାପାଲି, ଚଙ୍ଗରିଆ(ବସ୍ତିଡିହି), ଲହଣ୍ଡିପୁର, ଲୁହୁରାକୋଟ୍, ଗୁଣ୍ଡିଚାଡିହି ଭଳି ୫ଟି ଗ୍ରାମର ଲୋକେ ପ୍ରଭାବିତ ହେଉଛନ୍ତି। ଏଥିରୁ ଛାତ୍ରୀଛାତ୍ର ମଧ୍ୟ ବାଦ୍ ପଡ଼ି ନାହାନ୍ତି। ବୁଧବାର ଅପରାହ୍ନରେ ନଦୀରେ ବଢ଼ିପାଣି ଆସିଥିଲା। ଫଳରେ ଚର୍ଦ୍ଦାପାଲିରୁ ଲଖମରାକୁ ପାଠ ପଢ଼ି ଯାଇଥିବା ଛାତ୍ରୀଛାତ୍ରଙ୍କୁ ହଟହଟା ହେବାକୁ

**ଦାବି ସତ୍ତ୍ୱେ ବ୍ରିଜ ନିର୍ମାଣ ହୋଇ ପାରିନି**

ପଡ଼ିଥିଲା। ପରିବାର ଲୋକେ ଟ୍ୟୁବ ସାହାଯ୍ୟରେ କେତେକ ଛାତ୍ରୀଛାତ୍ରଙ୍କୁ ନଦୀ ପାର କରି ଘରକୁ ଆଣିଥିଲେ। ସେହିପରି ଅନ୍ୟ କେତେକଙ୍କୁ ଏକ ବୋଲେରୋ ଯୋଗେ ପ୍ରାୟ ୨୫କି.ମି ଅତିକ୍ରମ କରି ଘରକୁ ଅଣାଯାଇଥିଲା

ଚର୍ଦ୍ଦାପାଲିରେ ସ୍କୁଲଟି ଅଛି । ହେଲେ ସେଠାରେ ଅନୁସୂଚୀତ ଜାତି, ଜନଜାତି ଛାତ୍ରୀଛାତ୍ର ପଢ଼ିଥାନ୍ତି। ସେହିପରି ଅଧିକାଂଶ ଛାତ୍ରୀଛାତ୍ର ଲଖମରାକୁ ପଢ଼ିବାକୁ ଯାଆନ୍ତି। ସେଠାକାର ସରସ୍ୱତୀ ଶିଶୁ ମନ୍ଦିର, ହାଇସ୍କୁଲରେ ସେମାନେ ପଢ଼ିଥାନ୍ତି। ନଦୀ ବାଟେ ଗଲେ ଚର୍ଦ୍ଦାପାଲିରୁ ଲଖମରାକୁ ମାତ୍ର ୧କି.ମି। ଅନ୍ୟପକ୍ଷେ ରାସ୍ତାରେ ସେଠାକୁ ୨୫କି.ମି ପଡ଼ିଥାଏ। ଫଳରେ ନଦୀ ଅତିକ୍ରମ କରି ଛାତ୍ରୀଛାତ୍ର ସେଠାକୁ ଯାଇଥାନ୍ତି। କିନ୍ତୁ ବର୍ଷାଦିନେ ଅଙ୍ଗନଦୀ ବାଧକ ସାଜିଥାଏ। ବନ୍ୟାଜଳ ମାଡ଼ି ଆସିଲେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବନ୍ଦ ହୋଇ ଯାଇଥାଏ। ଏଠାରେ ଏକ ପୋଲ ନିର୍ମାଣ ହେବାକୁ ଦୀର୍ଘବର୍ଷରୁ ଦାବି ହୋଇ ଆସୁଛି। କିନ୍ତୁ ସେହି ଦାବି ଏପର୍ଯ୍ୟନ୍ତ ପୂରଣ ହୋଇ ପାରି ନାହିଁ।

ଚର୍ଦ୍ଦାପାଲିର ପାଣ୍ଡବ ବରିହା କହିଛନ୍ତି, ତାଙ୍କର ୩ସନ୍ତାନ ନଦୀ ଦେଇ ଲଖମରା ହାଇସ୍କୁଲକୁ ପଢ଼ିବାକୁ ଯାଇଥାନ୍ତି। ଡଙ୍ଗା ଚାଲୁ ନାହିଁ। ସକାଳେ ନଦୀରେ ଜଳସ୍ତର ବହୁତ କମ୍ ଥିଲା। ଫଳରେ ପିଲାମାନେ ସ୍କୁଲ ଯାଇଥିଲେ। କିନ୍ତୁ ଅପରାହ୍ନରେ ପାଣି ବଢ଼ି ଯିବାରୁ ଟ୍ୟୁବ ସାହାଯ୍ୟରେ ସେମାନଙ୍କୁ ଘରକୁ ଆଣିଥିଲୁ। ଅନ୍ୟଜଣେ ଗ୍ରାମବାସୀ ରାଜୀବ କୁମାର ବେହେରା କହନ୍ତି, ତାଙ୍କ ଝିଅ ବର୍ଷାରାଣୀ ଲଖମରା ସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଛି। ନଦୀରେ ପାଣି ଆସିଯିବାରୁ ସେ ମଧ୍ୟ ଝିଅକୁ ଟ୍ୟୁବ ସାହାଯ୍ୟରେ ନଦୀ ପାର କରି ଆଣିଛନ୍ତି। ତେବେ ବ୍ରିଜ ନିର୍ମାଣ ନେଇ କେବଳ ଆଶ୍ୱାସନା ଦିଆଯାଉଛି। ମାତ୍ର ତାହା ହୋଇ ନ ପାରିବା ବିଡ଼ମ୍ବନାର ବିଷୟ ବୋଲି ସେ କହିଥିଲେ।

## ନଦୀରେ ଭାସିଯାଇ ଜଣେ ନିଖୋଜ

**ବରଗଡ଼ ଅଫିସ୍,୬।୭**

ଗାଈ ଚରାଇବାକୁ ଯାଇ ଫେରୁଥିବାବେଳେ ବୁଧବାର ଅଙ୍ଗନଦୀରେ ଜଣେ ଗାଈଆଳ ଭାସି ଯାଇଛନ୍ତି। ସେ ହେଲେ ବରଗଡ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ବଡ଼ କୁଞ୍ଜାରୀ ଗ୍ରାମର ହରି ମହାନନ୍ଦ(୫୦)। ସକାଳେ ନଦୀରେ ଜଳସ୍ରୋତ କମ୍ ଥିବା ଯୋଗୁ ନଦୀ ପାରି ହୋଇ ଆରପଟ ଅଡୁଆଳ ଜଙ୍ଗଲକୁ ସେ ଗାଈ ଚରାଇବାକୁ ଯାଇଥିଲେ। ତେବେ ଫେରିବା ସମୟରେ ନଦୀରେ ଜଳସ୍ରୋତ ବଢ଼ିଯାଇଥିଲା। ସେ ଗାଈର ଲାଞ୍ଜ ଧରି ନଦୀ ପାରି ହେବାକୁ ଉଦ୍ୟମ କରୁଥିଲେ। ମାତ୍ର ଲାଞ୍ଜ ଛାଡ଼ି ହୋଇଯିବାରୁ ସେ ନଦୀପାଣିରେ ଭାସି ଯାଇଥିଲେ ବୋଲି ତାଙ୍କ ସହିତ ଯାଇଥିବା ଅନ୍ୟଲୋକେ କହିଛନ୍ତି। ଖବର ଲେଖାହେବା ସୁଦ୍ଧା(ରାତି ସାଢ଼େ ୯ଟା ପର୍ଯ୍ୟନ୍ତ) ତାଙ୍କ ଖୋଜଖବର ମିଳିପାରି ନାହିଁ।

## ଚାରା ରୋପଣ, ପରିବେଶ ସୁରକ୍ଷାକୁ ଗୁରୁତ୍ୱ

**ଦେଓଗାଁ, ୬।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ରେଞ୍ଜ ତରଫରୁ ସାମୂହିକ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ସିକାଛିଡା ସରପଞ୍ଚ ହିରେନ୍ଦ୍ର ଶତପଥୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଭ୍ୟ ସୁମତୀ ସେଠ, ଦେଓଗାଁ ଚିକିତ୍ସା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଓଏଭି ଅଧ୍ୟକ୍ଷ ସମନ୍ୱେତା ଷଡଙ୍ଗୀ, ଫରେଷ୍ଟର ପିଙ୍କୁ ଭୋଇ ଯୋଗଦେଇ ଚାରାରୋପଣ କରିଥିଲେ। ବନ ମହୋତ୍ସବ ଅବସରରେ କନକପୁର ବାଞ୍ଜି ସଂରକ୍ଷିତ ଜଙ୍ଗଲ, ସାଲେପାଲି ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ପରିସରରେ ସାମୂହିକ ଚାରା ରୋପଣ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଫରେଷ୍ଟ ଗାର୍ଡ ବିପିନ ବିହାରୀ ଭୋଇ, ମଧୁସ୍ମିତା ବେହେରା, ପ୍ରଜ୍ଞା ପ୍ରିୟଦର୍ଶିନି ମହାରଣା, ତୁଳସି ସ୍ୱାଇଁ, ରଜନୀକାନ୍ତ ମହାନ୍ତି, ନରେନ୍ଦ୍ର ବିଶ୍ୱାଳ ସହଯୋଗ କରିଥିଲେ। ସେହିପରି ଜରାସିଂହା ଯୁକ୍ତଦୁଇ ଓ ଯୁକ୍ତତିନି କଲେଜରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲ। ଅଧ୍ୟକ୍ଷ ପୁରୁଷୋତ୍ତମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଯୁକ୍ତଦୁଇ କଲେଜ ଅଧ୍ୟକ୍ଷ ବସନ୍ତ କୁମାର ମନହୀରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, ଜିଲା ପରିଷଦ ସଭ୍ୟ ସୁମତୀ ସେଠ, ସରପଞ୍ଚ କୁଶମଣି ମେହେର, ସମିତି ସଭ୍ୟ ଅମିତ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଶେଷରେ ପ୍ରାଧ୍ୟାପକ ଗୋବିନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


ଜରାସିଂହା କଲେଜରେ ବନ ମହୋତ୍ସବ ପାଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

## ବିକାଶରେ ହାଇ ଏଡୁକନ-୨୨ ଉଦ୍‌ଯାପିତ


ବିକାଶରେ ଅନୁଷ୍ଠିତ ହାଇ ଏଡୁକନ-୨୨ କାର୍ଯ୍ୟକ୍ରମରେ ବକ୍ତାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

**ବରଗଡ଼ ଅଫିସ୍,୬।୭**

ବରଗଡ଼ସ୍ଥିତ ବିକାଶ ଅଣ୍ଡର ଗ୍ରାଜୁଏଟ୍ କ୍ୟାମ୍ପସରେ ଚାଲିଥିବା ଦୁଇ ଦିନିଆ ଫେକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ ହାଇ ଏଡୁକନ-୨୨ ଉଦଯାପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଡିଗ୍ରୀ ତଥା ତଦୁର୍ଦ୍ଧ୍ୱ ଅଧ୍ୟାପିକା, ଅଧ୍ୟାପକଙ୍କୁ ନୂତନ ଶିକ୍ଷା ପଦ୍ଧତି ଉପରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ୬ଜଣ ବିଶେଷଜ୍ଞ ବକ୍ତା ଯୋଗଦାନ କରିଥିବାବେଳେ ବିକାଶର ବରଗଡ଼ ଓ ଭବାନୀପାଟଣାର ୧୨୦ରୁ ଊର୍ଦ୍ଧ୍ୱ ଅଧ୍ୟାପିକା, ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଏସଓଏ ୟୁନିଭର୍ସିଟିର ପ୍ରଫେସର ସ୍ୱୟଂପ୍ରଭା ଶତପଥୀ, ଶ୍ରୀ ୟୁନିଭର୍ସିଟିର ପ୍ରଫେସର ଆର.ଏନ ଶତପଥୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଶିକ୍ଷା ପଦ୍ଧତି ଉପରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିକାଗଶ ଗ୍ରୁପର ଚେୟାରମ୍ୟାନ ଡି.ମୂରଲୀକ୍ରୀଷ୍ଣା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ଅଧ୍ୟାପିକା, ଅଧ୍ୟାପକଙ୍କ ପାଇଁ ତାହା ଉପାଦେୟ ହୋଇ ପାରିଛି ବୋଲି କହିଥିଲେ। ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର (ଏକାଡ଼େମିକ୍) ଜି. ରାମକ୍ରୀଷ୍ଣା, ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ବିବେକ, ଭବାନୀପାଟଣା କ୍ୟାମ୍ପସର ଡାଇରେକ୍ଟର ଡି. ଶ୍ୟାମ, ଡି. ରାମ ପ୍ରମୁଖ ଉପସ୍ଥିତ ଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଣ୍ଡର ଗ୍ରାଜୁଏଟ୍ ମହାବିଦ୍ୟାଳୟର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଯୋଗ ଦେଇଥିଲେ।

## ଚାରାରୋପଣ, ସଚେତନତା କାର୍ଯ୍ୟକ୍ରମ

**ସିନାପାଲି,୬।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ଏବଂ ସବୁଜିମାର ସୱର ପରିବାରର ମିଳିତ ଉଦ୍ୟମରେ ସିନାପାଲି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ବନମହୋତ୍ସବ ସଚେତନତା ଓ ଚରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସମିତି ସଭାପତି ତଥା ସବୁଜିମାର ସୱରର ସଂଯୋଜକ ବୈଷ୍ଣବ ମେହେର, ସାରସ୍ୱତ ସମିତି ବରିଷ୍ଠ ସଦସ୍ୟ ରବିନ୍ଦ୍ରନାଥ ଯୋଷୀ, ସମ୍ପାଦକ ତରୁଣ କୁମାର ମେହେର, ସହସମ୍ପାଦକ ଲଳିତ କୁମାର ସୁନାରୀ, ଗୌତମ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଲମ୍ବୋଦର ମେହେର, ପ୍ରଦୀପ ଜୈନ, ହୃଦାନନ୍ଦ ମାଝି ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ନିମ୍ବ, ବାଦାମ, ପଣସ, ଅଁଳା, ପିଜୁଳି, ସାଗୁଆନ ଆଦି ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଯୋଷୀ, , ଧବଚରଣ ପଧାନ, ତ୍ରିନାଥ ମେହେର, ହରେକୃଷ୍ଣ ମେହେର, କମଳ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗଛ ଲଗାଅ, ବଞ୍ଚାଇବାକୁ ଯତ୍ନ କର

**ଲୋଇସିଂହା,୬।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବନ ବିଭାଗ ପକ୍ଷରୁ ବ୍ଲକର କୁଟରାପାଲି ହାଇସ୍କୁଲରେ ବନ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅବନୀ କୁମାର ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ରେଞ୍ଜ ଅଫିସର ପାଉଲ ହରପାଲ, ଫରେଷ୍ଟର ସୁନୀଲ ମିଶ୍ର, ଇକୋକ୍ଲବ ଶିକ୍ଷକ ହରେକୃଷ୍ଣ ତ୍ରିପାଠୀ ଅତିଥିଭାବେ ଯୋଗଦେଇଥିଲେ। ପରିବେଶ ସନ୍ତୁଳନ ରକ୍ଷା ଲାଗି ଗଛ ଲଗାଇବାକୁ ସ୍କୁଲସ୍ତରରୁ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି। କେବଳ ଗଛ ଲଗାଇ ଦେଲେ ହେବନାହ, ପରବର୍ତ୍ତୀ ସମୟରେ ତାର ଯତ୍ନ ଓ ବଞ୍ଚାଇବା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ଫରେଷ୍ଟ ସୁନୀଲ ମିଶ୍ର କହିଥିଲେ । ଏହି କାର୍ଯ୍ୟକ୍ରମରେ ମଦନ ସାହୁ, ସଦାନନ୍ଦ ସାହୁ, ଯୁଧିଷ୍ଠିର ନାୟକ, ସୁରେଶ କୁମାର ପିଟେଲ ଓ ମୁକେଶ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।


ଛାତ୍ରୀଛାତ୍ର, ଶିକ୍ଷକ ଓ ଅତିଥି ଚାରା ଲଗାଇବା ପାଇଁ ଯାଉଛନ୍ତି।

## ବାଳିକା ହାଇସ୍କୁଲରେ ବନ ମହୋତ୍ସବ

**ଟିଟିଲାଗଡ, ୬।୭(ଡି.ଏନ.ଏ.)**

ବନ ମହୋତ୍ସବ ସପ୍ତାହ ଅବସରରେ ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ରାଜକିଶୋର ମହାପାତ୍ର ବୁଧବାର ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସବଜଜ୍ ରମାକାନ୍ତ ମହାନ୍ତି, ଏସ୍‌ଡିଜେଏମ ମମିତା ସାହୁ, ଜେଏମ୍‌ଏଫ୍‌ସି ଲିପସା ରାଉତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତାଲୁକ ଆଇନ ସେବା ସମିତି ରିଟେନର ଜୟନ୍ତ ପଣ୍ଡା, କିରାଣୀ ଜୀବର୍ଦ୍ଧନ ଛତ୍ରିଆ, ପିଏଲଭି ନୀଳାମ୍ବର ବେହେରା, ପରମାନନ୍ଦ ତାଣ୍ଡି, ଟିଟିଲାଗଡ଼ ବନ ରେଞ୍ଜ ଅଧିକାରୀ ଶିବପ୍ରସାଦ ନାଏକ, ବନପାଳ ଅମରେଶ ଠାକୁର, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପୁରୋହିତ, ବ୍ରହ୍ମାନନ୍ଦ ପୁହାଣ, ଏନସିସି ମୁଖ୍ୟ ଶୁଚିସ୍ମିତା ମହାନ୍ତି, ଇକୋ କ୍ଲବ ସଦସ୍ୟ ମନୋଜ ଭୋଇ, ବିଦ୍ୟାଳୟ ଲିଗାଲ ଲିଟରେସି କ୍ଲବ ମୁଖ୍ୟ ସଂଯୁକ୍ତା ସାହୁ ଚାରା ରୋପଣ କରିଥିଲେ। ସେହିପରି କତରକେଲା ଆଶ୍ରମ ସ୍କୁଲରେ ଅନୁଷ୍ଠିତ ମହୋତ୍ସବରେ ପ୍ରକୃତିବନ୍ଧୁ ରମାକାନ୍ତ ଗହୀର, ପ୍ରଧାନଶିକ୍ଷକ ସଞ୍ଜୀବ ସାହୁ ଚାରା ରୋପଣ କରିଥିଲେ।



ବନ ମହୋତ୍ସବ ଅବସରରେ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

# ଉପଜିଲାପାଳ କାର୍ଯ୍ୟାଳୟ ଘେରିଲେ ଚାଷୀ

**ଟିଟିଲାଗଡ଼, ୬।୭(ଡି.ଏନ.ଏ)**

ମରୁଡି ପ୍ରବଣ ଟିଟିଲାଗଡ଼ ଉପଖଣ୍ଡର ବିଭିନ୍ନ ବ୍ଲକରେ ବର୍ଷକୁ ବର୍ଷ ଫସଲ କ୍ଷୟକ୍ଷତି ନେଇ ଚାଷୀ ହତାଶ ହୋଇପଡିଛନ୍ତି। ଜାତୀୟ କୃଷି ବୀମା କମ୍ପାନୀ ଫସଲ ବୀମା ପ୍ରିମିୟମ ରାଶି ନେଇ କ୍ଷୟକ୍ଷତି ହେଲେ କୌଣସି ସହାୟତା ପ୍ରଦାନ ନ କରିବା ଚାଷୀଙ୍କୁ ହତାଶ କରିଛି। ବୁଧବାର ମୁରିବାହାଲ ବ୍ଲକ ସିରୁଲ, ତେନ୍ତୁଲଖୁଣ୍ଟି ପଞ୍ଚାୟତର ଶତାଧିକ ଚାଷୀ ଏନେଇ ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବୀମା କମ୍ପାନୀ, କେନ୍ଦ୍ର ସରକାର ଏବଂ ସ୍ଥାନୀୟ ପ୍ରଶାସନର ଏନେଇ ନୀରବତା ନେଇ ନାରାବାଜି କରିଥିଲେ। ୨୦୨୧ ଖରିଫରେ ବର୍ଷାଭାବ ନେଇ ଫସଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। କୃଷି ବିଭାଗ ରିପୋର୍ଟରେ ମଧ ସ୍ୱଳ୍ପ ବୃଷ୍ଟିପାତ ରେକର୍ଡ ରହିଛି। ଚାଷୀ ବୀମା କମ୍ପାନୀ ପାଖରେ ଟଙ୍କା ଜମା କରି ନିଜ ଫସଲ ବୀମା କରିଥିଲେ। ହେଲେ ଏକବର୍ଷ ବିତି ଯାଇଥିଲେ ମଧ କ୍ଷୟକ୍ଷତି ସହାୟତା ରାଶି ପ୍ରଦାନ କରାଗଲା ନାହିଁ। ଏନେଇ କୃଷି ବିଭାଗ ଅଧିକାରୀ, କର୍ମଚାରୀ ସ୍ପଷ୍ଟ



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ।

**ବୀମାରାଶି ପ୍ରଦାନ ଦାବି**

କୌଣସି ଉତ୍ତର ଦେଉନାହାନ୍ତି। ଏହା ବର୍ଷକୁ ବର୍ଷ ପ୍ରାକୃତିକ ଦାଉରେ ଅଣ୍ଟା ସଳଖି ପାରୁ ନ ଥିବା ଚାଷୀଙ୍କୁ ପରିହାସ କଲା ଭଳି ହୋଇଛି ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ପୂର୍ବତନ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ଚାଷୀଙ୍କୁ ସେମାନଙ୍କ ଗତ ଖରିଫ କ୍ଷୟକ୍ଷତିର ବୀମା ସହାୟତା ରାଶି ପ୍ରଦାନ କରା ନ ଗଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଚାଷୀ ଚେତାବନି ଦେଇଛନ୍ତି। ପରେ ଚାଷୀ ପ୍ରତିନିଧି ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହାୟକ ଜିଲାପାଳ ଚନ୍ଦ୍ରପ୍ରସାଦ ଦେହୁରୀଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ନେତା ଲମ୍ବୋଦର ବର୍ଗତି, ଛବିର ପୋଢ, ରାଧାକାନ୍ତ ବାଗ, ପୁଳସ୍ତି ବେହେରା, ଦିନେଶ୍ୱର ନାଗ ତଥା ସିରୋଲ, ଡୁଙ୍ଗୁରିଗୁଡା, ବେଲପଦର, ଟିଙ୍ଗେରମୁଣ୍ଡା, ରହେନଭଟା ଆଦି ଗ୍ରାମର ବହୁ ଚାଷୀ ଉପସ୍ଥିତ ଥିଲେ।

